୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.26 . No.112 Bhubaneswar Friday June 07 2024 | ୨୬ତମ ବର୍ଷ ସଂଖ୍ୟା-୧୧୨ ଭୁବନେଶ୍ୱର, ଶୁକ୍ରବାର, ଜୁନ ୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ରାତିରେ ଦିଲ୍ଲୀ ପଳାଇଛନ୍ତି ଭି.କେ ପାଣ୍ଡିଆନ୍ !

ଭୁବନେଶ୍ୱର,୬।୬(ପି.ଏନ): ବିଜେଡିର ଦ୍ୱିତୀୟ କ୍ଷମତା କେନ୍ଦ୍ର ଭାବେ ପରିଚିତ ଭି.କେ ପାଣ୍ଡିଆନ୍ ଏବେ କେଉଁଠି କିଏ କହୁଛନ୍ତି ସିଏ ଭୁବନେଶ୍ୱରରେ ଅଛନ୍ତି ତ ଆଉ କିଏ କହୁଛନ୍ତି ସେ ତାମିଲନାଡୁ ପଳାଇ ଯାଇଛନ୍ତି। ଏହି ଚର୍ଚ୍ଚା ଭିତରେ ମିଳିଛି ବିଜେଡି ନେତା ପାଣିଆନ୍‌ଙ୍କ ନୂଆ ଠିକଣା।ମିଳିଥିବା ସୂଚନା ଅନୁସାରେ ଭି.କେ ପାଣ୍ଡିଆନ୍ ଦିଲ୍ଲୀରେ ଥିବା ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ସେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ପଳାଇ ଯାଇଛନ୍ତି। ସେଠାରେ ସେ ଏକ ପଞ୍ଚ ତାରକା ହୋଟେଲ୍‌ରେ ରହିଛନ୍ତି। ପୂର୍ବରୁ ନିଲମ୍ବିତ ହୋଇ ଦିଲ୍ଲୀରେ ଥିବା ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କ ସହିତ ସେ ମସୁଧା ଚାଲାଇଥିବା ଚର୍ଚ୍ଚା ହେଉଛି।





## ନୟାଗଡ ବାଉଁଶିଆପଡା ଗାଁରେ ଅଭାବନୀୟ ଘଟଣା: ନଦୀରେ ବୁଡିଯାଇ ଭାଇ-ଭଉଣୀଙ୍କ ମୃତ୍ୟୁ

ନୟାଗଡ,୬।୬(ପି.ଏନ): କୁସୁମୀ ନଦୀର ଗଭୀର ଜଳରେ ବୁଡିଯାଇ ଭାଇ ଓ ଭଉଣୀଙ୍କର ମୃତ୍ୟୁ ଘଟିବା ଖବର ସାମ୍ନାକୁ ଆସିଛି । ଇଟିମାଟି ଥାନା ବାଉଁଶିଆପଡା ଗାଁରେ ଏହି ଅଘଟଣ ଘଟିଛି । ଗାଧୋଇବା ସମୟରେ ବୁଡି ଯାଇ ଭାଇଭଉଣୀଙ୍କ ମୃତ୍ୟୁ । ସୂଚନାନୁଯାୟୀ, ଏହି ଭାଇଭଉଣୀ ଦୁହେଁ କୁସୁମୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ସେଠାରେ ଗଭୀର ଜଳରେ ବୁଡିଯାଇଥିଲେ । ଏହାପରେ ସେମାନଙ୍କୁ ନଦୀ ପାଖ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ । ମେଡିକାଲରେ ଭାଇ-ଭଉଣୀ ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ନୟାଗଡ ବାଉଁଶିଆପଡା ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି ।

## କଂଗ୍ରେସ କର୍ମୀଙ୍କୁ ହତ୍ୟା ! ଭୟଙ୍କର ରୂପ ନେଲା ନିର୍ବାଚନ ପରବର୍ତ୍ତୀ ହିଂସା

ଗଞ୍ଜାମ,୬।୬(ପି.ଏନ): ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଗଞ୍ଜାମ ଧରାକୋଟରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି । ବଡଗଡ ଥାନା ଶୁଣ୍ଡିପଲ୍ଲୀ ଗାଁରେ ନିର୍ବାଚନ ପରବର୍ତ୍ତୀ ହିଂସା ସାମ୍ନାକୁ ଆସିଛି । ଗାଁର ମିଟୁ ବିଶୋୟୀଙ୍କୁ ପିଟିପିଟି ହତ୍ୟା ଅଭିଯୋଗ ହୋଇଛି । ମିଟୁଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ହୋଇଛି । ଘଟଣାସ୍ଥଳରେ ବରଗଡ ଓ ଧରାକୋଟ ପୋଲିସର ତଦନ୍ତ ଚାଲିଛି । ମିଟୁ କଂଗ୍ରେସ କର୍ମୀ ହୋଇଥିବା ସୂଚନା ମିଳିଛି ।

## ୩ବର୍ଷୀୟ ବାଳକର ମୃତ୍ୟୁ: ହତ୍ୟା ସନ୍ଦେହ

ସୋର,୬।୬(ପି.ଏନ): ବାଲେଶ୍ୱର ଜିଲ୍ଲା ଖଇରା ଥାନା କ୍ଷୀରିପଦା ବରଗିଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଅରୁଣ ଦାସଙ୍କ ୩ବର୍ଷ ବୟସର ସାନପୁଅ ହରେକୃଷ୍ଣ ଦାସଙ୍କ ମୃତଦେହ ଏକ ପୋଖରୀ ନିକଟରୁ ଉଦ୍ଧାର କରାଯାଇଛି। ଶିଶୁ ପୁତ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ଖଇରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆକ୍ସନ ମୋଡ଼ରେ ବିଜେପି କର୍ମୀ; ବିଜେଡି ମେୟରଙ୍କୁ ଘେରି ପ୍ରଶ୍ନ ବାଣରେ ଛନ୍ଦିଲେ ବିଜେପି କର୍ପୋରେଟର

କଟକ,୬।୬(ପି.ଏନ): ନିର୍ବାଚନ ଜିତୁ ଜିତୁ ଆକ୍ସନ ମୋଡରେ ବିଜେପି। ସବୁ କର୍ପୋରେଟର ମିଶି ଏକାଠି ହେଲେ ମେୟର ଅଫିସରେ। ଆଗକୁ ଆସୁଛି ବର୍ଷା। ଋତୁ ସେଥିପାଇଁ କଟକ ମହାନଗର ନିଗମ କାର୍ଯ୍ୟାଳୟରେ ଆଜି କାଉନସିଲ୍ ବୈଠକ ବସିଥିଲା। ଏହି ବୈଠକରେ ମେୟରଙ୍କୁ ପ୍ରଶ୍ନବାଣରେ ଘେରିଥିଲେ ବିରୋଧୀ କର୍ପୋରେଟର। ଆଗକୁ ଆସୁଚି ବର୍ଷା ଋତୁ ସେଥିପାଇଁ ସହରର ମୁଖ୍ୟ ଡ୍ରେନ ଗୁଡିକରୁ ଠିକ୍ ଭାବରେ ପଙ୍କ ଉଦ୍ଧାର ହେଉନି। ଏଥିପାଇଁ ଜେଇ ଏବଂ ମେୟରଙ୍କୁ ବହୁବାର କହିବା ସତ୍ତ୍ୱେ ମଧ୍ୟ କିଛି ଫଳପ୍ରଦ ହେଉନି ବୋଲି କହିଛନ୍ତି ବିରୋଧୀ କର୍ପୋରେଟର ମାନେ।ସେଥିପାଇଁ କାଳବୈଶାଖୀ ବର୍ଷାରେ ସହରର ସବୁ ରାସ୍ତା ଏବଂ ଲୋକଙ୍କ ଘରେ ଡ୍ରେନର ମଇଳା



ପାଣି ପଶୁଛି। ଏନେଇ ଆମେ ଆଗରୁ ବହୁବାର ମେୟରଙ୍କୁ ଅବଗତ କରାଇଥିଲୁ ହେଲେ ତାହାର କୌଣସି ଉତ୍ତର ଆମକୁ ମିଳି ପାରି ନଥିଲା। ସେହିପରି ଯେତେବେଳେ ଆମେ ଜାଇକା କର୍ମଚାରୀ ମାନଙ୍କ ସହ କଥା ହେଇଥିଲୁ ସେମାନେ କହିଥିଲେ ଯେହେତୁ ଚାରିଆଡ଼େ ବକ୍ସ ଡ୍ରେନ ହୋଇଛି ସେଥିପାଇଁ ପାଣିର ସ୍ତର ଟିକିଏ ଉଚ୍ଚା ରହିବ। ହେଲେ ଆଜି କଟକ ମେୟର ତରବରିଆ ହୋଇ ସହରର ସବୁ ଡ୍ରେନ ଗୁଡିକରେ ପଙ୍କ ଉଦ୍ଧାର ଏବଂ ବର୍ଷା ଋତୁକୁ ଆଖି ଆଗରେ ରଖି ଏକ ସ୍ପେଶାଲ ବୈଠକ କରିଛନ୍ତି। ବାହାଘର ବେଳେ ବାଇଗଣ ରୋଇବା ଭଳି ସବୁ କାର୍ଯ୍ୟ ସଠିକ୍ ଟାଇମ୍ ରେ ମେୟର ମହାଶୟ କରୁନାହାନ୍ତି ବୋଲି ଦାବୀ କରିଛନ୍ତି ବିରୋଧୀ କର୍ପୋରେଟ ମାନେ। ଅନ୍ୟପଟେ କଟକ ମହାନଗର ନିଗମ ବର୍ଷା ଋତୁ କୁ ଆଖି ଆଗରେ ରଖି କଟକ ସହରର ଡ୍ରେନ ଗୁଡିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରୁଛି ବୋଲି କହିଛନ୍ତି କଟକ ମେୟର। କଟକ ମହାନଗର ନିଗମ ସବୁବେଳେ ସହରର ବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଛି। ଆମେ ବର୍ଷା ଋତୁ ଆସିବା ଆଗରୁ ସହରର ସମସ୍ତ ଡ୍ରେନ ଗୁଡିକରୁ ପଙ୍କ ଉଦ୍ଧାର କାର୍ଯ୍ୟ ସାରିଦେବୁ। ସେଥିପାଇଁ ସମସ୍ତ ଜାଇକା କର୍ମଚାରୀ ମାନଙ୍କୁ ଡାକିଚୁ ବୋଲି କହିଛନ୍ତି କଟକ ମେୟର ସୁବାସ ସିଂ।

# ଇସ୍ତଫା ଦେଲେ ସୁରେଶ ମହାପାତ୍ର ଓ ଆର୍ ବାଲକ୍ରିଷ୍ଣନ

ଭୁବନେଶ୍ୱର,୬।୬(ପି.ଏନ): ଚଳିତ ସାଧାରଣ ନିର୍ବାଚନରେ ବିଜେଡି ହାରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ନବୀନ ପଟ୍ଟନାୟକ ୫ ତାରିଖରେ ଇସ୍ତଫା ଦେଇଛନ୍ତି। ତାଙ୍କ ସହ ଏବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ଅନେକ ବରିଷ୍ଠ ଅଫିସର ଇସ୍ତଫା ଦେବା ଆରମ୍ଭ କରିଛନ୍ତି। କେତେକଙ୍କ କାର୍ଯ୍ୟକାଳ ଅତିବେଶୀରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ସହ ସମାନ ଥିବାରୁ ସେମାନେ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ ଗତ ନଭେମ୍ବର ମାସରେ ନିଯୁକ୍ତି ପାଇଥିଲେ ପୂର୍ବତନ





ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ସେ ବୁଧବାର ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ସାଧାରଣ ପ୍ରଶାସନ ବିଭାଗ ଗ୍ରହଣ କରିନେଇଛି। ସେହିଭଳି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆର୍. ବାଲକ୍ରିଷ୍ଣନ୍ ମଧ୍ୟ ଇସ୍ତଫା ଦେଇଛନ୍ତି।

# ମୋଦି ୩.୦ ସରକାର: ସହଯୋଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ଦେବାକୁ ନାରାଜ ବିଜେପି !

ଭୁବନେଶ୍ୱର,୬।୬(ପି.ଏନ): ଏନଡିଏ ମେଣ୍ଟରେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଓ ନୀତୀଶ କୁମାରଙ୍କ ଜେଡିୟୁର ଗୁରୁତ୍ୱ ବଢ଼ି ଯାଇଛି। ବିଜେପିକୁ ଏକାକୀ ସରକାର ଗଠନ କରିବାକୁ ମ୍ୟାଜିକ ନମ୍ବର ମିଳି ନଥିବାରୁ ଏହି ଦୁଇ ଦଳର ଆବଶ୍ୟକତା ରହିଛି।ଏହାକୁ ଦୃଷ୍ଟିରେ ରଖି ଉଭୟ ଦଳ କେନ୍ଦ୍ର କ୍ୟାବିନେଟର ବଡବଡ ମନ୍ତ୍ରଣାଳୟ ନେବାକୁ ଦାବି କରିଛନ୍ତି। କିନ୍ତୁ ବିଜେପି ଅତି ସହଜରେ ସେମାନଙ୍କ କଥାକୁ ଗ୍ରହଣ କରିବ ନାହିଁ।



ପ୍ରତିରକ୍ଷା, ଅର୍ଥ, ସ୍ୱରାଷ୍ଟ୍ର ଓ ବୈଦେଶିକ ମନ୍ତ୍ରାଣାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଦଳ ସହଯୋଗୀଙ୍କୁ ଦେବା ମୁଡରେ ନଥିବା ଜଣାପଡିଛି।

# ଇସ୍ତଫା ଦେଲେ ମନ୍ତ୍ରୀ ବି ନଗେନ୍ଦ୍ର

ଭୁବନେଶ୍ୱର,୬।୬(ପି.ଏନ): ବେଆଇନ ଟଙ୍କା କାରବାର ଅଭିଯୋଗ ଆସିବା ପରେ କର୍ଣ୍ଣାଟକାର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ବି ନଗେନ୍ଦ୍ର। କର୍ଣ୍ଣାଟକା ମହର୍ଷି ବାଲ୍ମିକୀ ଅନୁସୂଚିତ ଜନଜାତି ବିକାଶ ନିଗମ ଲିଃ ସହ ବେଆଇନ ଅର୍ଥ କାରବାର ହୋଇଛି। ଏହି ବିଭାଗର ମନ୍ତ୍ରୀ ଭାବେ ନଗେନ୍ଦ୍ର କାମ କରୁଥିଲେ। ବିଭାଗର ଆକାଉଣ୍ଟସ ଅଫ ସୁପରିନଟେଡେଣ୍ଟ ଚନ୍ଦ୍ରଶେଖର ପି ମେ' ୨୬ରେ ଆତ୍ମହତ୍ୟା କରିବା ପରେ ବିବାଦ ଦେଖାଯାଇଛି।



# ମେଣ୍ଟ କରିବନି, ଦିଲ୍ଲୀ ବିଧାନସଭାରେ ଏକା ଲଢ଼ିବ ଆପ୍




ଭୁବନେଶ୍ୱର,୬।୬(ପି.ଏନ): ଚଳିତ ଲୋକସଭାରେ କଂଗ୍ରେସ ସହ ମେଣ୍ଟ କରି ନିର୍ବାଚନ ଲଢ଼ିଥିବା କ୍ଷମତାସୀନ ଆପ୍ ବଡ ନିଷ୍ପତ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ହେବାକୁ ଥିବା ଦିଲ୍ଲୀ ବିଧାନସଭାରେ ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଆପ୍ ଏକାକୀ ଲଢ଼ିବ ବୋଲି ଆଜି ଘୋଷଣା କରିଛି।ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାଏ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କଂଗ୍ରେସ ସହ ଲୋକସଭା ନିର୍ବାଚନ ପାଇଁ ମେଣ୍ଟ ହୋଇଥିଲା। କିନ୍ତୁ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କୌଣସି ମେଣ୍ଟ ହୋଇନାହିଁ। ଆମେ ଏକାକୀ ନିର୍ବାଚନ ଲଢ଼ିବୁ।

# କାଳବୈଶାଖୀର ପ୍ରବଳ ବର୍ଷା: ବାଲିସାଗର ପାର୍ଶ୍ୱରେ ଥିବା ୨୦ ଘର ପାଣିରେ ବୁଡିଲା

ମାଲକାନଗିରି,୬।୬(ପି.ଏନ): ମାଲକାନଗିରିସ୍ଥିତ ବାଲିସାଗରକୁ ଏବେ ଉନ୍ନତିକରଣ କରାଯାଉଛି। କୋଟିଂକୋଟି ଟଂକା ବ୍ୟୟରେ ଏହି ବାଲି ସାଗରକୁ ପୁନଃ ମରାମତି ସହ ଏହାର ଉନ୍ନତୀକରଣ କରାଯାଉଥିବା ବେଳେ ସାଗର ପାର୍ଶ୍ୱରେ ଥିବା ଘରଗୁଡିକ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସାଗରର ହୁଡାଗୁଡିକ ବହୁ ଉଚ୍ଚା ହୋଇଥିବା ବେଳେ ପାର୍ଶ୍ୱରେ ଥିବା ଘରଗୁଡିକ ପ୍ରାୟ ୨୦ ଫୁଟ ତଳେ ରହିଛି। କାଳବୈଶାଖୀ ବର୍ଷା ହେବା ଯୋଗୁଁ ଏହି ତଳିଆ ଲୋକେ ବହୁ ହଇରାଣ ହୋଇଛନ୍ତି। ବର୍ଷାର ପାଣି ନିଷ୍କାସନ ହୋଇନପାରି ଏହି



ଘରଗୁଡିକରେ ଭର୍ତ୍ତି ହୋଇଯାଇଥଇଲା। ଯାହାଫଳରେ ଘରର ସମସ୍ତ ଆସବାବପତ୍ର ଏବଂ ଦୈନନ୍ଦିନ ସାମଗ୍ରୀ ପାଣିରେ ଭିଜେ ନଷ୍ଟ ହୋଇଥିଲା। ଏପରିକି ଘରେ ରହିବା ପାଇଁ ମଧ୍ୟ କୌଣସି ଜାଗା ରହିଲା ନାହିଁ। ଛୋଟଛୋଟ ପିଲାମାନଙ୍କୁ ନେଇ ପରିବାର ଲୋକେ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା।

# ୧୦ ତାରିଖ ପୂର୍ବରୁ ଓଡିଶା ଛୁଇଁବ ମୌସୁମୀ; ହୋଇପାରେ ଘଡଘଡି ସହ ପ୍ରବଳ ବର୍ଷା

ଭୁବନେଶ୍ୱର,୬।୬(ପି.ଏନ): ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ଥିବା ବେଳେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଆଗାମନ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ପାଣିପାଗ ବିଭାଗ କହିଛି, ଆଗାମୀ ୩ ଦିନ ଭିତରେ ଦକ୍ଷିଣ ଓଡ଼ିଶା ମୌସୁମୀ ବାୟୁ ଛୁଇଁବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପାଗ ବା ସ୍ଥିତି ଅନୁକୂଳ ଭଲ ରହିଛି। ଓଡିଶା ଛୁଇଁବା ପରେ ଦକ୍ଷିଣ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ସହ ୪୮ ଘଣ୍ଟା ମଧ୍ୟରେ ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ବାଲେଶ୍ୱରରେ ପ୍ରଚଣ୍ଡ ଶବ୍ଦ; ଥରିଲା ଆଖପାଖ ଅଞ୍ଚଳ, ଲୋକେ ଭୟଭୀତ

ବାଲେଶ୍ୱର,୬।୬(ପି.ଏନ): ବାଲେଶ୍ୱରରେ ହଠାତ୍ ଶୁଭିଲା ପ୍ରଚଣ୍ଡ ଶବ୍ଦ । ପ୍ରଚଣ୍ଡ ଶବ୍ଦ ପରେ ଥରିଗଲା ଆଖପାଖ ଅଞ୍ଚଳ । ପ୍ରଚଣ୍ଡ ଶବ୍ଦ ଶୁଣି ଭୟଭୀତ ସ୍ଥାନୀୟ ଲୋକେ । ତେବେ ପାଖରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଥିବାରୁ, ଗୋଳାବାରୁଦ ପରୀକ୍ଷଣ ହେଉଥିବା ଅନୁମାନ କରାଯାଉଥିଲା ।କିନ୍ତୁ ବଜ୍ରପାତ କାରଣରୁ ଏପରି ଶବ୍ଦ ହୋଇଥିବା ସୂଚନା ମିଳିଛି । କହିବାକୁ ଗଲେ ଏହିପରେ ପ୍ରଚଣ୍ଡ ଓ ଭୟଙ୍କର ଶବ୍ଦ ଆଗରୁ କେହି ଶୁଣି ନଥିଲେ । ବଜ୍ରପାତ ପାଇଁ ଏଭଳି ଶବ୍ଦ ହୋଇଥିବା ନେଇ ସୂଚନା ଦେଲେ ବାଲେଶ୍ୱର ପାଣିପାଗ କେନ୍ଦ୍ର ଅଧିକାରୀ ।

# ଶେୟାର ବଜାର କ୍ରାଶ ଘଟଣା: ମୋଦିଙ୍କୁ ଟାର୍ଗେଟ କରି ତଦନ୍ତ ଦାବି କଲେ ରାହୁଲ ଗାନ୍ଧି

ଭୁବନେଶ୍ୱର,୬।୬(ପି.ଏନ): କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏଥିସହ ରେଜଲ୍ଟ ଘୋଷଣା ଦିନ ଅର୍ଥାତ ଜୁନ ୪ରେ ଷ୍ଟକ ମାର୍କେଟ ଭୁଶୁଡିବା ଘଟଣାର ଯୁଗ୍ମ ସଂସଦୀୟ କମିଟି(ଜେପିସି) ତଦନ୍ତ କରିବାକୁ ଦାବି କରିଛନ୍ତି।ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ କାହିଁକି ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ବରିଷ୍ଠ ବିଜେପି ନେତାମାନେ ଷ୍ଟକ ମାର୍କେଟ ଉପରେ ମନ୍ତବ୍ୟ ରଖିଥିଲେ ବୋଲି ମଧ୍ୟ ରାହୁଲ ଗାନ୍ଧି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି।

# ପରାଜିତ ପ୍ରାର୍ଥୀଙ୍କୁ ନେଇ ନବୀନ ନିବାସରେ ସମୀକ୍ଷା ବୈଠକ

ଭୁବନେଶ୍ୱର,୬।୬(ପି.ଏନ): ସାଧାରଣ ନିର୍ବାଚନ-୨୦୨୪ରେ ବିଜୁ ଜନତା ଦଳ (ବିଜେଡି)ର ବିପର୍ଯ୍ୟୟ ପରେ ଗୁରୁବାର ପରାଜିତ ପ୍ରାର୍ଥୀମାନଂଙ୍କୁ ନେଇ ନବୀନ ନିବାସରେ ସମୀକ୍ଷା ବୈଠକ ହୋଇଛି। ଏହି ବୈଠକରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଫୁଲବାଣୀ ବିଧାନସଭା ଆସନରୁ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ସହିତ ଅନ୍ୟ ପରାଜିତ ବିଧାୟକ ଓ ସାଂସଦ ପ୍ରାର୍ଥୀ ଯୋଗଦେଇଛନ୍ତି। ଗୋପବନ୍ଧୁ ଦାସ, ରବୀନ୍ଦ୍ର ଜେନା, କୌଶଲ୍ୟା ପ୍ରଧାନ, ଦେବୀ ପ୍ରସାଦ



ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ରୋହିତ ପୂଜାରୀ, ପ୍ରିତିରଞ୍ଜନ ଘଡାଇ, ପଦ୍ମନାଭ ବେହେରା, ବିଶ୍ୱବ୍ରତ ରାଉତରାୟ, ବିକ୍ରମ କେଶରୀ ଆରୁଖ, ଶ୍ରୀକାନ୍ତ ସାହୁ, ପ୍ରଭୁ ଜାନି, ବିକ୍ରମ ପଣ୍ଡା, ସୁବାସ ବେହେରା, ଅଶୋକ ପଣ୍ଡା, ସୁଶାନ୍ତ ବେହେରା ପ୍ରମୁଖ ବୈଠକରେ ଯୋଗଦେଇଛନ୍ତି। ସେହିପରି ପରାଜିତ ସାଂସଦ ପ୍ରାର୍ଥୀମାନେ ମଧ୍ୟ ନବୀନ ନିବାସରେ ଆୟୋଜିତ ବୈଠକରେ ଯୋଗ ଦେଇଛନ୍ତି। ସେମାନେ ହେଲେ ରଞ୍ଜିତା ସାହୁ, ମନ୍ମଥ ରାଉତରାୟ, ପ୍ରଣବ ପ୍ରକାଶ ଦାସ, ଅବିନାଶ ସାମଲ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପ୍ରଦୀପ ମାଝୀ, ମଞ୍ଜୁଲତା ମଣ୍ଡଳ, ଲେଖାଶ୍ରୀ ସାମନ୍ତସିଂହାର ନବୀନ ନିବାସରେ ଆୟୋଜିତ ବୈଠକରେ ପହଞ୍ଚିଥିଲେ।

# ସାବିତ୍ରୀ ବ୍ରତ ପାଇଁ ଆସିଥିଲେ; ମନ୍ଦିରରେ ପିଟାପିଟି ଲାଗିଲେ ମହିଳା

ଭୁବନେଶ୍ୱର,୬।୬(ପି.ଏନ): ସ୍ୱାମୀଙ୍କ ଦୀର୍ଘାୟୁ କାମନା ପାଇଁ ଉପବାସ ରହି ସାବିତ୍ରୀ ବ୍ରତ ପୂଜା କରିବାକୁ ମହାଦେବ ମନ୍ଦିର ଆସିଥିଲେ ମହିଳା। ହେଲେ ମନ୍ଦିରରେ ପୂଜାର୍ଚ୍ଚନା କରିବେ କ'ଣ, ପିଟାପିଟ୍ ଲାଗିଲେ। ପରିସ୍ଥିତି ଏମିତି ହେଲେ ଯେ ପୁଲିସ୍ ?କୁ ଆସିବା ପାଇଁ ପଡିଲା। ଆଜି ସକାଳେ ଏପରି ଘଟଣା ବାଲେଶ୍ୱର ଜିଲ୍ଲାରେ ଘଟିଛି। ଜଳେଶ୍ୱର ଥାନା ମହୁଲିଆ ଗାଁରେ ରହିଛି ମହାଦେବ ମନ୍ଦିର। ଏହି ମନ୍ଦିରରେ ଥିବା ପୂଜକ ପ୍ରତିଦିନ ଭୋଳେବାବାଙ୍କୁ ପୂଜା କରନ୍ତି। ଆଜି ସକାଳେ ସାବିତ୍ରୀ ବ୍ରତ ଥିବାରୁ



ପୂଜା ପାଇଁ ବହୁ ମହିଳାଙ୍କ ଭିଡ୍ ପରିଲକ୍ଷିତ ହୋଇଥିଲା। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ପୂଜା କରିବା ପାଇଁ ଆସିଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ଚାଲିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ମହିଳାମାନେ ଆଉ ଜଣେ ପୂଜକଙ୍କ ମାଧ୍ୟମରେ ସାବିତ୍ରୀ ବ୍ରତ ପୂଜା କରିବାକୁ ଚାହିଁଥିଲେ। ହେଲେ ପୂର୍ବରୁ ମନ୍ଦିରରେ ପୂଜା କରୁଥିବା ମହିଳାମାନେ ବିରୋଧ କରିଥିଲେ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁନ୍ ୭

## 'ଜ୍ଞାନମଣ୍ଡଳ' ପ୍ରଣେତା : ବିନୋଦ କାନୁନଗୋ



ଡ଼ଃ.ଅରୁନ୍ଧତୀ ଦେବୀ

ଜ୍ଞାନକୋଷ ବା ଏନ୍‌ସାଇକ୍ଲୋପିଡ଼ିଆ ବିନା କୌଣସି ଭାଷା ଶତ ପ୍ରତିଶତ ସମୃଦ୍ଧ ବୋଲି କୁହାଯାଇପାରିବ ନାହିଁ। ଜ୍ଞାନକୋଷ ରଚନା ଏତେ ସହଜ କଥା ନୁହେଁ। ଏଥିପାଇଁ ଲୋଡ଼ା ମିଳିତ ଉଦ୍ୟମ ସାଙ୍ଗକୁ ଆର୍ଥିକ ସହାୟତା ଓ ମାନସିକ ପ୍ରୋତ୍ସାହନ। ଆଉ ଏସବୁର ଅଭାବ ସତ୍ତ୍ୱେ ଏଭଳି ଜଣେ ଓଡ଼ିଆ ଥିଲେ, ଯିଏ ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସୃଷ୍ଟି କରିପାରିଥିଲେ, ଆମ ଭାଷାର ଅଦ୍ୟାବଧି ସବୁଠାରୁ ଉନ୍ନତ ଜ୍ଞାନକୋଷ। ସେ ହେଉଛନ୍ତି ଜ୍ଞାନପ୍ରଦୀପ ବିନୋଦ କାନୁନ୍‌ଗୋ। ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନଥିବା ମଣିଷ। ତଥାପି ନିଜର ଅସୀମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ଗଢ଼ିପାରିଥିଲେ ଜ୍ଞାନକୋଷ। ସେ ଥିଲେ ପରମ ଗାନ୍ଧୀବାଦୀ। ଗାନ୍ଧୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ। ଏକଦା ବିନୋଦ ଥିଲେ ମେଧାବୀ ଛାତ୍ର। ତାଙ୍କ ମାମୁଁ ଥିଲେ ପ୍ରସିଦ୍ଧ ପୋଥି ଓ ସାହିତ୍ୟ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି। ମାମୁଁଙ୍କ କଟକସ୍ଥିତ ବସାରେ ରହି ସେ କଲିଜିଏଟ୍ ସ୍କୁଲରେ ପଢୁଥିଲେ। ସେହି ସମୟରେ ଜାତୀୟକବି ବୀରକିଶୋରଙ୍କ ଏକ ଗୀତ, ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା ରଣ ସମୟରେ ବହି ଘୋଷିବାକୁ ମୋତେ ଆଉ ତୁମେ ବଳାନା; ଛାତିର ରକତ ତାତିଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା। ଯୁଦ୍ଧ ଇତିହାସ ହୋଇଲେ ପଠିତ, ଶୁଣି ବଂଶଧର ହୋଇବେ ପଣ୍ଡିତ; ନରହନ୍ତାର କଂସେଇଶାଳେ ମୁଁ ଲେଖୁଥିବି ବସି ରଚନା। ବିନୋଦ ଲେଖିଛନ୍ତି ୧୯୩୦ ଏପ୍ରିଲ ୯ ତାରିଖ ସନ୍ଧ୍ୟାରେ ଏହି ଗୀତ ମୋ ମନର ସମସ୍ତ ସନ୍ଦେହ ଦୂରକରିଦେଲା। ଏବଂ ମୋର କର୍ତ୍ତବ୍ୟ କ'ଣ, ତାହା ସୂଚେଇ ଦେଲା। ପର ଦିନ ହିଁ ସେ କେତେକ ସହପାଠୀଙ୍କ ସହ ବିଦ୍ୟାଳୟ ଛାଡ଼ି, ଧର୍ମଘଟରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସଚ୍ଚିରାୟ, ମାମୁଁ ଆର୍ତ୍ତବଲ୍ଲଭ ଓ ଡ.ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ତାଙ୍କୁ ରୋକିପାରି ନଥିଲେ। ତାହାଥିଲା ବିଦ୍ୟାଳୟରେ ଶେଷ ଦିନ। ବିଦ୍ୟାଳୟରୁ ବହିଷ୍କୃତଙ୍କ ତାଲିକାରେ ସର୍ବାଗ୍ରେ ଥିଲା ବିନୋଦଙ୍କ ନାମ। ତାହାପରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ବାରମ୍ବାର କାରାବରଣ। ଅନୁଷ୍ଠାନଭିତ୍ତିକ ଶିକ୍ଷା ପାଇଁ ଆଉ ସୁଯୋଗ ମିଳି ନଥିଲା। ତେବେ କୌଣସି ସମୟରେ ସେ ପଠନରୁ ବିରତ ହୋଇନଥିଲେ। ସବୁବେଳେ ପାଖରେ ରହୁଥିଲା ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା। କାରାଗାର ଥିଲା ପଠନର ମୁଖ୍ୟ କ୍ଷେତ୍ର। ସ୍ୱାଧୀନତା ପରେ ସେ ରାଜନୀତିରେ ନ ମାତି ଜ୍ଞାନର ପ୍ରସାରକ ସାଜିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ମାତ୍ର ଏକ ଟଙ୍କା ଖଣ୍ଡିଏ ଖଦଡ଼ ଶତରଞ୍ଜି, ଖଦଡ଼ ପୋଷାକ ଓ କିଛି ବହିପତ୍ର ଧରି ଆସିଥିଲେ କଟକ। ଉଦ୍ଦେଶ୍ୟ ଜ୍ଞାନକୋଷ ରଚନା। ଦିନଟି ଥିଲା ୧ ଜାନୁଆରୀ ୧୯୫୪। ପରବର୍ତ୍ତୀ ଜୀବନ ଥିଲା ବେଶ ସଂଘର୍ଷମୟ। ୨ ଡିସେମ୍ବର ୧୯୬୦ରେ ପ୍ରକାଶ ପାଇଥିଲା ତାଙ୍କ ଜ୍ଞାନମଣ୍ଡଳର ପ୍ରଥମ ଖଣ୍ଡ। ତାହାର ଉନ୍ମୋଚନ ଉତ୍ସବରେ ଭାଷଣ ଦେବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ ମାମୁଁ ଆର୍ତ୍ତବଲ୍ଲଭ। ୧୯୧୨ ଜୁନ୍ ୬ ତାରିଖ ଦିନ କିଶୋରନଗର ଅନ୍ତର୍ଗତ ମଲ୍ଲିପୁରରେ ଜନ୍ମ ହୋଇଥିଲେ ଏହି ମହାନ ଜ୍ଞାନକୋଷ ପ୍ରଣେତା।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

## ବେବି ବ୍ଲୁଜ୍ ବା ପୋଷ୍ଟପାର୍ଟମ ଡିପ୍ରେସନ



ଡାକ୍ତର ସମ୍ରାଟ କର

ଅନେକ ଦିନ ପରେ ବନ୍ଧୁ ସତ୍ୟଦୀପ ସେ ଦିନ ଦେଖାହୋଇଗଲେ ସେ ତାଙ୍କର ଜଣେ ପରିଚିତ ମହିଳାଙ୍କ ଶାରୀରିକ ସମସ୍ୟା କଥାରୁ ହିଁ ମୋ ପରାମର୍ଶ ଚାହିଁଲେ। ତାଙ୍କ କହିବା ମୁତାବକ ମହିଳାଙ୍କର ସେପରି କୌଣସି ମାନସିକ ସମସ୍ୟା ନାହିଁ। ନିକଟରେ ସେ ଏକ କନ୍ୟା ସନ୍ତାନର ଜନନୀ ହୋଇଛନ୍ତି। ତେବେ ଝିଅ ହେବା ପରେ ତାଙ୍କ ମାନସିକ କ୍ଷେତ୍ର ଅନେକ ଭାବରେ ବିଗିଡ଼ି ଯିବାପରି ଲାଗୁଛି। ମୁଁ ତାଙ୍କୁ କହିଲି ବାସ୍ତବରେ ଏହା ସେପରି ଏକ ମାନସିକ ରୋଗ ନୁହେଁ। ଅସଲ କଥା ହେଉଛି ଏହାକୁ ଆମ ମାନସିକ ରୋଗ କ୍ଷେତ୍ରରେ ବେବି ବ୍ଲୁଜ୍ ସମସ୍ୟା କୁହାଯାଏ। ମା' ହେବା ପରେ ମହିଳାଙ୍କ ଭିତରେ ଅନେକ କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ମହିଳାଙ୍କ ଠାରେ ଶାରୀରିକ ଏବଂ ମାନସିକ ପରିବର୍ତ୍ତନ ଦେଖାଯାଇଥାଏ। ଶାରୀରିକ ପରିବର୍ତ୍ତନ ହେବା ସାଧାରଣ କଥା। କିନ୍ତୁ ମାନସିକ ପରିବର୍ତ୍ତନ ନୂଆ କରି ମା' ହୋଇଥିବା ମହିଳାଙ୍କଠାରେ ସମସ୍ୟା ସୃଷ୍ଟି କରିଥାଏ। ମା' ହେବା ପରେ ମହିଳାଙ୍କ ଠାରେ ଖୁସି ଏବଂ ଉତ୍ସାହ ଦେଖିବାକୁ ମିଳେ। କିନ୍ତୁ ଏହା ଅଳ୍ପ ଦିନର ହୋଇଥାଏ। କାରଣ ମା' ହେବାପରେ ଅଧିକାଂଶ ମହିଳାଙ୍କ ଠାରେ ଭୟ, ଚିନ୍ତା ଏବଂ ଅବସାଦ ମନରେ ବସା ବାନ୍ଧେ। ଚିଡ଼ା ଲାଗିବା, ନିଦ ନ ହେବା, ଭୋକ ନ ଲାଗିବା ପରି ଲକ୍ଷଣ ଦେଖାଯାଏ। ଅର୍ଥାତ୍ ପିଲା ଜନ୍ମ ହେବା ପରେ ଅଧିକାଂଶ ମହିଳା ଏକ ପ୍ରକାର ଅବସାଦକୁ ମଧ ଚାଲିଯାଆନ୍ତି। ଏହାକୁ କୁହାଯାଏ ବେବି ବ୍ଲୁଜ୍। ପିଲା ଜନ୍ମ ହେବା ପରେ ୧୦-୧୫ ପ୍ରତଶତ ମହିଳା ବେବି ବ୍ଲୁଜ ଶିକାର ହୋଇଥାନ୍ତି। ମହିଳାମାନେ ଗର୍ଭ ଧାରଣ କରିବା ଆରମ୍ଭରୁ ଏବଂ ପ୍ରସବ ପରେ ବେବି ବ୍ଲୁଜ୍ ହୋଇଥାଏ। ଏଥିରେ ମୁଡ଼ ସୁଇଙ୍ଗସ, ଚିନ୍ତା, ଡର, ଅନିଦ୍ରା, ଅବସାଦ ପରି ଲକ୍ଷଣ ଦେଖାଯାଏ। ପିଲା ଜନ୍ମ ହେବାର ୨-୩ ଦିନରେ ଏହା ମହିଳାଙ୍କ ଠାରେ ଦେଖିବାକୁ ମିଳିଥାଏ। କିନ୍ତୁ କିଛି ମହିଳାଙ୍କ ଠାରେ ଏହା ଅତି ଭୟଙ୍କର ରୂପ ନିଏ। ଯେଉଁ ମହିଳାଙ୍କୁ ବାଇପୋଲାର ଡିଜଅର୍ଡ଼ର ସମସ୍ୟା ଥାଏ ସେମାନଙ୍କ ଠାରେ ବେବି ବ୍ଲୁଜ୍ ସମସ୍ୟା ୪୦ ପ୍ରତିଶତ ଅଧିକ ଥାଏ। ଏଥିରେ ୧୦ ପ୍ରତିଶତ ଆତ୍ମହତ୍ୟା ଏବଂ ଶିଶୁ ମୃତ୍ୟୁ ସମ୍ଭାବନା ଦେଖା ଦେଇଥାଏ। ବେବି ବ୍ଲୁଜ୍ ଯୋଗୁଁ ମହିଳାଙ୍କ ଠାରେ ଦେଖା ଦେଉଥିବା ଅବସାଦ ଏବଂ ଚିନ୍ତା ପରବର୍ତ୍ତୀ ସମୟରେ ମାନସିକ ରୋଗର ରୂପ ନେଇଥାଏ। ଏ କ୍ଷେତ୍ରରେ ଗ୍ରାମୀଣ ମହିଳାମାନେ ଅଧିକ ସମସ୍ୟାକୁ ସାମ୍ନା କରିଥାନ୍ତି। କାରଣ ସେମାନଙ୍କୁ ପରାମର୍ଶ ଦେବା ପାଇଁ ନିଜ ପରିଜନ ଲୋକଙ୍କ ଭିତରେ ସେପରି ସଠିକ ଜ୍ଞାନ ନଥାଏ। ଅନେକ ମହିଳାଙ୍କ ଭିତରେ ପିଲାଟିର ଜନ୍ମ ଦେବା ସମୟର କଷ୍ଟ ସହିତ ପିଲାଟିର ଭବିଷ୍ୟତ କଥା ଅନେକ କିଛି ଏପରି ମନ ଭିତରେ ରଖି ଅସ୍ୱସ୍ତିକର ଅନୁଭବ କରିଥାନ୍ତି ଏବଂ ଏହା ମଧ ପରବର୍ତ୍ତୀ ସମୟରେ ସେମାନଙ୍କ ମାନସିକ ଚାପକୁ ବଢ଼ାଇ ଦେଇଥାଏ। ଏକ ଅଭାବୀ ପରିବାର ଭିତରେ ବିଶେଷକରି ସେପରି ସତ୍‌ଶିକ୍ଷା ନଥିବାରୁ ଝିଅଟିଏ ଜନ୍ମ ହେଲେ ସେମାନେ ତାହାର ଭବିଷ୍ୟତ ଓ ଅନେକ ଦାୟିତ୍ୱ ତଥା ଖର୍ଚ୍ଚକୁ ଚିନ୍ତାକରି ଘର ଭିତରର ହେଉଥିବା ସାଧାରଣ ଆଲୋଚନାଟି ଯେତେବେଳେ ଜନ୍ମ ଦେଉଥିବା ମାଆଟିର କାନରେ ପଡ଼େ ସେ ସମୟରେ ସେ ଏକ ପ୍ରକାର ବିଚଳିତ ହୋଇପଡ଼ି ମନସ୍ତାତ୍ତ୍ୱିକ ଅସୁନ୍ତଳ ଭିତରକୁ ଚାଲିଯାଇଥାନ୍ତି। ସେହିପରି କେତେକ ପରିବାରରେ ଝିଅ ଜନ୍ମକୁ ଏକ ବୋଝ ଭାବିଥାନ୍ତି ଏବଂ ଆଉ କେତେକ ପରିବାରରେ ଯଦି ଆସନ୍ନ ପ୍ରସବାଟି ମୃତ ଶିଶୁକୁ ଜନ୍ମ ଦେଇଥାନ୍ତି ତାଙ୍କ ଉପରେ ଯେଉଁ ମାନସିକ ଓ ଶାରୀରିକ ଉଭୟ ଚାପ ଓ ଯନ୍ତ୍ରଣା ପଡ଼ିଥାଏ ତାହା କିଭଳି ମନସ୍ତାତ୍ତ୍ୱିକ ପରିବେଶ ସୃଷ୍ଟି କରୁଥିବ ଆପଣ ଚିନ୍ତା କରନ୍ତୁ ?

ଡାକ୍ତରୀ ବିଜ୍ଞାନରେ ବେବି ବ୍ଲୁଜ୍‌କୁ ପୋଷ୍ଟପାର୍ଟମ ଡିପ୍ରେସନ କୁହାଯାଏ। ଏକ ଅଧ୍ୟୟନରୁ ଜଣା ପଡ଼ିଛି ପ୍ରସବ ପରେ ନୂଆକରି ମା' ହୋଇଥିବା ମହିଳାଙ୍କ ଠାରେ ବେବି ବ୍ଲୁଜ୍ ହେବାର ଆଶଙ୍କା ୬୫ ପ୍ରତିଶତରୁ ଅଧିକ ଥାଏ। ୭୦-୮୦ ପ୍ରତିଶତ ନୂଆ ମା'ଙ୍କୁ ଶିଶୁ ଜନ୍ମର ଚାରି ପାଞ୍ଚ ଦିନ ପରେ ମନରେ ନକାରାତ୍ମକ ଭାବନାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପିଲା ଜନ୍ମ ହେବାର ପ୍ରଥମ ସପ୍ତାହରେ ୮୦ ପ୍ରତିଶତ ମହିଳାଙ୍କ ଠାରେ ବେବି ବ୍ଲୁଜ୍ ସମସ୍ୟା ଦେଖିବାକୁ ମିଳିଥାଏ। ତେବେ ଏହି ମାନସିକ ରୋଗରୁ ତୁରନ୍ତ ବାହାରିବା ନିହାତି ଦରକାର। ନ ହେଲେ ଏହା ଭୟଙ୍କର ରୂପ ନେଇପାରେ। କାଉନସେଲିଂ ଏବଂ ଔଷଧର ସାହାଯ୍ୟ ନେଇପାରିବେ। ପରିବାର ଲୋକଙ୍କ ସହଯୋଗ ମଧ ମା'ମାନଙ୍କୁ ଅନେକାଂଶରେ ଅବସାଦରୁ ଦୂରେଇ ରଖିଥାଏ। ଏହା ସେପରି ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ କିନ୍ତୁ ମାତୃତ୍ୱ ଲାଭ କରିଥିବା ମାଆ ମାନଙ୍କୁ ଏ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ସହାୟତା, ସହଯୋଗ ଓ ପରାମର୍ଶ ଜରୁରୀ। ତାଙ୍କୁ ଘରେ ବ୍ୟସ୍ତ ବହୁଳ କାର୍ଯ୍ୟ ନ ଦେଇ କିଛି ବିଶ୍ରାମ ଦେବା ଜରୁରୀ। କେବଳ ଭଲ ଖାଇବା ବା ଔଷଧ ଯୋଗାଇ ଦେଲେ ଜଣଙ୍କର ସ୍ୱାସ୍ଥ୍ୟ ନିରୋଗ ରହିବ ତାହା ନୁହେଁ। ଅଧିକ ସମସ୍ୟା ଅନୁଭବ କଲେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବ। ତେବେ ଆଉ ଗୋଟିଏ କଥା ଭଲ ଭାବେ ମନେରଖିଥିବେ ଆପଣମାନେ ଏ କ୍ଷେତ୍ରରେ କୌଣସି ଗୁଣିଗାରେଡିର ସାହାଯ୍ୟ ବା କାହାଙ୍କ କଥାରେ ଶୁଣି ଟୁଣୁକାଟୁଣୁକି ଚିକିତ୍ସା ଆଦୌ ଗ୍ରହଣ କରିବେ ନାହିଁ। କାରଣ ଏହା ରୋଗୀଟିର ସମସ୍ୟାକୁ ଆହୁରି ବଢ଼ାଇ ଦେଇପାରିବାର ସମ୍ଭାବନା ଅଛି।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

## ଶ୍ରମ ଏକ ବସ୍ତୁ ନୁହେଁ



ବୃହସ୍ପତି ସାମଲ

ଆନ୍ତର୍ଜାତୀୟ ଅର୍ଥନୈତିକ ଯୋଜନା ସହ ମାନବୀୟ ଅଧିକାରକୁ ସାମାଜିକ ନୀତିରେ କେନ୍ଦ୍ରୀକୃତ କରିବା ପାଇଁ ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ (ଇଣ୍ଟରନେସନାଲ ଲେବର ଅର୍ଗାନାଇଜେସନ ବା ଆଇଏଲଓ) ୧୦ ମଇ ୧୯୪୪ରେ ଆମେରିକାର ଫିଲାଡେଲଫିଆ ଠାରେ ଆୟୋଜିତ ଏହାର ଛବିଶତମ ସମ୍ମିଳନୀରେ ନିଜର ଚିରାଚରିତ ଉଦ୍ଦେଶ୍ୟାବଳୀର ପୁନଃ ପ୍ରାରମ୍ଭ କରି ବିଶ୍ୱ ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ ନୂତନ ବାସ୍ତବତା ଓ ପ୍ରତିଶ୍ରୁତି ସହ ସମଗ୍ର ପୃଥିବୀକୁ ଏକ ସମ୍ଭାବନାମୟ ଉତ୍କର୍ଷତା ଆଡ଼କୁ ଆଗେଇ ନେବାକୁ ଯେଉଁ ଘୋଷଣାନାମା ଗ୍ରହଣ କରିଥିଲେ ତାହା ୧୯୪୬ର ମଣ୍ଟ୍ରିଲ ସାଧାରଣ ସମ୍ମିଳନୀରେ ଆଇଏଲଓର ସଂଶୋଧିତ ସମ୍ବିଧାନର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ପରିଗଣିତ ହେଲା। ଉପରୋକ୍ତ ଘୋଷଣାନାମା ନିମ୍ନୋକ୍ତ କେତୋଟି ପ୍ରମୁଖ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ଥିଲା। ଯଥା, (୧) ଶ୍ରମ ଏକ ବସ୍ତୁ ନୁହେଁ, (୨) ନିରନ୍ତର ପ୍ରଗତି ପାଇଁ ଅଭିବ୍ୟକ୍ତି ଓ ସଂଘର ସ୍ୱତନ୍ତ୍ରତା, (୩) କୌଣସି ଏକ ସ୍ଥାନରେ ଦାରିଦ୍ର୍ୟ ପ୍ରତ୍ୟେକ ସ୍ଥାନରେ ସମୃଦ୍ଧି ପାଇଁ ଏକ ବିପଦ, (୪) ଅଭାବ ବିରୁଦ୍ଧରେ ଲଢ଼ିବା ଓ ସମୂହ କଲ୍ୟାଣର ଉନ୍ନତି ନିମନ୍ତେ ସରକାରଙ୍କ ସହ ସମାନ ମର୍ଯ୍ୟାଦାରେ ଶ୍ରମିକ ଓ ନିଯୁକ୍ତିଦାତାଙ୍କ ମୁକ୍ତ ଆଲୋଚନା ଓ ଗଣତାନ୍ତ୍ରିକ ନିଷ୍ପତ୍ତି ପାଇଁ କ୍ରମାଗତ ଆନ୍ତର୍ଜାତୀୟ ପ୍ରଚେଷ୍ଟାର ଆବଶ୍ୟକତା ଏବଂ (୫) ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ମଣିଷର ଆର୍ଥିକ ସୁରକ୍ଷା ଓ ସମାନ ସୁଯୋଗ ସହ ସମ୍ମାନ ଓ ସ୍ୱାଧୀନ ଭାବେ ନିଜର ଭୌତିକ ଓ ଆଧ୍ୟାତ୍ମିକ କଲ୍ୟାଣର ଅଧିକାର। ଭାରତ ସରକାର ଶ୍ରମିକ ସପକ୍ଷବାଦୀ ମୋଟ ୪୪ଟି ଶ୍ରମ ନିୟମରୁ ୧୫ଟିର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ବାକି ୨୯ଟି ଆଇନକୁ ନିଯୁକ୍ତିଦାତା ସପକ୍ଷବାଦୀ ୪ଗୋଟି ଶ୍ରମ କୋଡରେ ପରିଣତ କରି ଶ୍ରମିକଙ୍କ ସ୍ୱାର୍ଥର ବିପରୀତରେ ଲାଗୁ କରିବାକୁ ପ୍ରସ୍ତୁତ ହେଉଥିବାବେଳେ, ଆଇଏଲଓର ଉପରୋକ୍ତ ଘୋଷଣାନାମା, ବିଶେଷ ଭାବେ ଶ୍ରମ ଯେ ଏକ ବସ୍ତୁ ବା ପଣ୍ୟ ଦ୍ରବ୍ୟ ନୁହେଁ, ଏ ବିଷୟରେ ଦୀର୍ଘ ଆଠ ଦଶନ୍ଧି ପରେ ବି ଆଲୋଚନା କରିବା ବେଶ୍ ପ୍ରାସଙ୍ଗିକ ମନେହୁଏ। ବିଶ୍ୱ ବ୍ୟାପି ଅର୍ଥନୈତିକ ଓ ବାଣିଜ୍ୟିକ ଆଳାପ ଆଲୋଚନା ଭିତରେ କେବଳ ଏକ ପଣ୍ୟ ଦ୍ରବ୍ୟ ହିସାବରେ ଶ୍ରମର ଅବଧାରଣ ଲଗାତାର ବିଳମ୍ବିତ କହିଲେ ଅତ୍ୟୁକ୍ତି ହେବନାହିଁ। ଶ୍ରମକୁ ଏକ ପଣ୍ୟ ଦ୍ରବ୍ୟ ଭଳି ନିମ୍ନ ଦୃଷ୍ଟିରେ ବିଚାର କରିବା ଦ୍ୱାରା ଏହାର ଅନ୍ତର୍ନିହିତ ମାନବୀୟ ଗାରିମା ଏବଂ କର୍ମ ସହ ଏହାର ଜଟିଳତା ଯଥେଷ୍ଟ କ୍ଷୁର୍ଣ୍ଣ ହୁଏ। ଯେତେବେଳେ ପାରମ୍ପରିକ ଅର୍ଥନୈତିକ ସିଦ୍ଧାନ୍ତସମୂହ ଶ୍ରମକୁ ଉତ୍ପାଦନର ଏକ ସହାୟକ ଭାବେ ବିବେଚନା କରେ, ସେତେବେଳେ ଏହା କହିବା ବହୁ ମାତ୍ରାରେ ସଠିକ ହେବ ଯେ ଶ୍ରମର ପ୍ରକୃତ ସଂଜ୍ଞା ପଣ୍ୟ ବିନିମୟର ଉର୍ଦ୍ଧ୍ୱରେ ବ୍ୟକ୍ତିଗତ ପରିଚୟ, ସାମାଜିକ ସମ୍ପର୍କ ଓ ପ୍ରଗତି ଭଳି ବହୁମୁଖୀ ପରିସର ଭିତରେ ଆବଦ୍ଧ। ମୂଳତଃ, ଶ୍ରମ ଏକ ଅର୍ଥନୈତିକ କାରବାର ନୁହେଁ, ବରଂ ଏକ ମୌଳିକ ମାନବୀୟ ଅଭିବ୍ୟକ୍ତି। ଏହା ବ୍ୟକ୍ତିଗତ କୌଶଳ, ପ୍ରତିଭା ଓ ଉଚ୍ଚାକାଂକ୍ଷାର ପ୍ରଦର୍ଶନ। ନିଜର ଚରିତ୍ର ଓ ଗୁଣବତ୍ତା ଭିତ୍ତିରେ ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମରେ ଅଦ୍ୱିତୀୟ ଅଭିଜ୍ଞତା ଓ ଦକ୍ଷତା ପ୍ରତିପାଦିତ କରିଥାଏ। ଜଣେ ସାଧାରଣ ଚିତ୍ରକର ଠାରୁ ବିଶ୍ୱର ରହସ୍ୟ ଉନ୍‌ମୋଚନ କରୁଥିବା ବୈଜ୍ଞାନିକଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ପାଇଁ ନିଜ ଭିତରେ ଥିବା ସମ୍ଭାବନାକୁ ହୃଦୟଙ୍ଗମ କରି ସମାଜ ପ୍ରତି ଏକ ଅର୍ଥପୂର୍ଣ୍ଣ ସହଯୋଗ କରିବାରେ ଶ୍ରମ ଏକ ପ୍ରଶସ୍ତ ମାର୍ଗ। ଅଧିକନ୍ତୁ, ଶ୍ରମ ଅନେକ ସମୟରେ ବ୍ୟକ୍ତିଗତ ପୂର୍ତ୍ତି ଓ ଆତ୍ମବୋଧର ଉତ୍ସ ଭାବେ କାର୍ଯ୍ୟ କରେ। ରଚନାତ୍ମକ ପ୍ରୟାସ, ବୌଦ୍ଧିକ ଗତିବିଧି ଓ ନିଜସ୍ୱ ବୃତ୍ତି ଜରିଆରେ ଜଣେ ବ୍ୟକ୍ତି ବିଶେଷ ନିଜସ୍ୱ ଉପଲବ୍ଧି ଓ ପରିଚୟ ଲାଭକରେ ଯାହାଦ୍ୱାରା ତା'ର ଶ୍ରମ, ଆତ୍ମଅବଧାରଣା ଓ ଜୀବନ ସନ୍ତୁଷ୍ଟିର ଏକ ଆବଶ୍ୟକ ଅଂଶ ପାଲଟିଥାଏ। ତେଣୁ ଶ୍ରମକୁ ଏକ ବସ୍ତୁ ଭଳି ବିବେଚନା କଲେ ଆର୍ଥିକ କ୍ଷତିପୂରଣର ଉର୍ଦ୍ଧ୍ୱରେ ଥିବା ଏହାର ଅନ୍ତର୍ନିହିତ ମୂଲ୍ୟ ଅଣଦେଖା ହେବା ସ୍ୱାଭାବିକ। ବ୍ୟକ୍ତି ବିଶେଷର ଉର୍ଦ୍ଧ୍ୱରେ ଶ୍ରମ ମଧ୍ୟ ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀ ଭିତରେ ସାମାଜିକ ସମ୍ପର୍କ ଓ ସଂହତି ବିକାଶରେ ସହାୟକ ହୁଏ। ଶ୍ରମିକର କାର୍ଯ୍ୟସ୍ଥଳ ସାମାଜିକ ବାର୍ତ୍ତାଳାପର ଏକ ନାଭିକ୍ଷେତ୍ର ଭଳି କାମକରେ ଯେଉଁଠି ବ୍ୟକ୍ତିଗଣ ସହଯୋଗୀତା ଓ ସହଭାଗିତାରେ ଭାବର ଆଦାନପ୍ରଦାନ କରି ସହକର୍ମୀଙ୍କ ସହ ଏକ ଅତୁଟ ବନ୍ଧନରେ ଛନ୍ଦିହୁଅନ୍ତି। ସାମୁହିକ ପ୍ରୟାସ ଦ୍ୱାରା ଶ୍ରମିକମାନେ ନିଜ ନିଜ ଭିତରେ ଏକ ଆପଣାପଣ ଓ ସହାବସ୍ଥାନ ସୃଷ୍ଟି କରି ସାମାଜିକ ପୁଞ୍ଜି ବିକାଶରେ ସହାୟକ ହୁଅନ୍ତି। ଆବଶ୍ୟକୀୟ ସେବା ଯୋଗାଇ, ଦ୍ରବ୍ୟ ଉତ୍ପାଦନ କରି କିମ୍ବା ପରୋପକାରୀ ପ୍ରୟାସ ଦ୍ୱାରା, ଶ୍ରମିକ ଜନକଲ୍ୟାଣର ଏକ ପରିବାହକ ଭାବେ କାର୍ଯ୍ୟ କରେ। ଶ୍ରମିକମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ ଓ ନିର୍ଭରଶୀଳତା ଶ୍ରମକୁ ଏକ କ୍ଷୁଦ୍ର ପଣ୍ୟ ଦ୍ରବ୍ୟର ଉର୍ଦ୍ଧ୍ୱରେ ସାମୁହିକ ଉତ୍କର୍ଷତାର ଅନୁଭୂତ କରାଏ। ଶ୍ରମକୁ ଏକ ବସ୍ତୁ ଭାବେ ବିବେଚନା ନକରିବାର ମୂଖ୍ୟ କାରଣ ହେଉଛି ଶ୍ରମିକର ଅନ୍ତର୍ନିହିତ ସମ୍ମାନ ଓ ଅଧିକାର। ଶ୍ରମ ଇଚ୍ଛା ମୁତାବକ କିଣାବିକା ଭଳି ଏକ ପରିବର୍ତ୍ତନୀୟ ସଂସାଧନ ନୁହେଁ, ବରଂ ଏହା ବ୍ୟକ୍ତିର ସ୍ୱାୟତ୍ତତା, ସୁସ୍ଥତା ଓ ଉଚିତ ଉପଚାରକୁ ସମ୍ମାନ ଜଣାଏ। ଶ୍ରମିକର ଅଧିକାର ଅକ୍ଷୁର୍ଣ୍ଣ ରହିଲେ, ସୁରକ୍ଷିତ କାର୍ଯ୍ୟାବସ୍ଥା, ଉଚିତ ମଜୁରୀ ଓ ସମାନ ସୁଯୋଗାଦିରେ ଉନ୍ନତି ହେବ। ଅଧିକନ୍ତୁ, ଏକ ବସ୍ତୁ ଦୃଷ୍ଟିରେ ଦେଖିଲେ ଏହା ଶ୍ରମ ବଜାରରେ ଶୋଷଣକାରୀ ପ୍ରଥା ଓ ଅସମାନତାକୁ ପ୍ରୋତ୍ସାହିତ କରିବ। ଏକ ସାଧାରଣ ମିଠା ଦୋକାନରୁ ଅନିଶ୍ଚିତ ରୋଜଗାର ବ୍ୟବସ୍ଥା ଯାଏ ଶ୍ରମକୁ ଏକ ବସ୍ତୁ ଭାବେ ଗଣନା କଲେ ଏହା ମାନବୀୟ ମୂଲ୍ୟବୋଧ ଓ ଶ୍ରମିକଙ୍କ ଅଧିକାରର ଅବମୂଲ୍ୟାୟନ ହେବ। ତେଣୁ ଶ୍ରମିକର ସମ୍ମାନ ଓ ଅଧିକାରକୁ ସୁରକ୍ଷା ଦେବାକୁ, ଶ୍ରମର ବହୁମୂଖୀ ଚରିତ୍ରକୁ ଗ୍ରହଣ କରିବାକୁ ହେବ ଏବଂ ଏହାକୁ ଏକ ବସ୍ତୁ ଭଳି ବିଚାର କରିବାର ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ। କୁହାଯାଏ, ଶ୍ରମିକ ଦେଶ ଗଢେ। ଛୁଞ୍ଚିରୁ ଉଡାଜାହାଜ ସହ ରାଷ୍ଟ୍ର ନିର୍ମାଣ ଏବଂ ରାଷ୍ଟ୍ର, ପରିବେଶ ଓ ଜଳବାୟୁର ସୁରକ୍ଷା ଠାରୁ ଆରମ୍ଭ କରି ମାନବ କଲ୍ୟାଣର ପ୍ରତ୍ୟେକଟି କାର୍ଯ୍ୟରେ ଶ୍ରମିକର ଅବଦାନ ଅପରିହାର୍ଯ୍ୟ ଓ ଅତୁଳନୀୟ। ଦେଶ ଗଠନରେ କୃଷକ ଓ ନିର୍ମାଣ ଶ୍ରମିକ ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ଦପ୍ତରର ସାଧାରଣ କର୍ମଚାରୀଟିଏରେ ଭୂମିକା ଅତି ବଳିଷ୍ଠ। ଶ୍ରମିକର ସହଯୋଗ ବିନା ଗୋଟିଏ ରାଷ୍ଟ୍ର ଆଗକୁ ପାଦ ବଢେଇବା ଅସମ୍ଭବ। ତେଣୁ, 'ଶ୍ରମିକ ଭାଇରେ ଲାଗିପଡ଼, ଶ୍ରମ ଠାରୁ କିଛି ନାହିଁ ବଡ' ଭଳି ଉପରଠାଉରିଆ ରାଜନୈତିକ ନାରାବାଜି ଦେଇ ସେମାନଙ୍କୁ ପରୋକ୍ଷରେ ଶୋଷଣ କଲେ, ଏ ସମାଜ, ଏ ରାଷ୍ଟ୍ର, ରହିବତ ? ଶ୍ରମ ଓ ଶ୍ରମିକଙ୍କୁ ଏକ ପଣ୍ୟ ଦ୍ରବ୍ୟ ଭାବେ ନିମ୍ନ ଦୃଷ୍ଟିରେ ଦେଖିଲେ ସାମୁହିକ କ୍ଷତି ଅବଶ୍ୟମ୍ଭାବୀ। ଭାରତର ପ୍ରସ୍ତାବିତ ଶ୍ରମ କୋଡ଼ ସେହିଭଳି ଏକ ଅନିଶ୍ଚିତତା ଭିତରେ। ତେଣୁ, ସଂକୀର୍ଣ୍ଣ ଅର୍ଥନୈତିକ ଆଦର୍ଶରୁ ଉର୍ଦ୍ଧ୍ୱକୁ ଯାଇ, ଏକ ସମ୍ମିଳିତ, ଯଥାର୍ଥ ଓ ନ୍ୟାୟସଙ୍ଗତ ମାନବ ସମାଜର ନିର୍ମାଣ ନିମିତ୍ତ ଶ୍ରମର ଏକ ସାମଗ୍ରିକ ଆକଳନ ଅତ୍ୟାବଶ୍ୟକ। ଭାରତର ଶ୍ରମିକ ସଂଗଠନମାନଙ୍କ ସହ ଏବାବଦରେ ସରକାରଙ୍କର ପର୍ଯ୍ୟାପ୍ତ ଆଲୋଚନା ହିଁ ସଠିକ ମାର୍ଗଦର୍ଶନ କରିବାରେ ସହାୟକ ହେବ। ଅତଏବ, ସମଗ୍ର ଶ୍ରମିକ ଶ୍ରେଣୀ ଓ ସମାଜର ମଙ୍ଗଳ ପାଇଁ ଭାରତ ସରକାର ଫିଲାଡେଲଫିଆ ଘୋଷଣାନାମାର ମହତ୍ତ୍ୱକୁ ହୃଦୟଙ୍ଗମ କରି ଶ୍ରମ ଆଇନ ପରିବର୍ତ୍ତ ? ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ନିଯୁକ୍ତିଦାତା ସପକ୍ଷବାଦୀ ଶ୍ରମ କୋଡ଼ ଲାଗୁ କରିବାରୁ ବିରତ ରହିବେ ବୋଲି ଆଶା ଓ ବିଶ୍ୱାସ।

## ପରିବେଶ ସୁରକ୍ଷା – ଜୀବନ ରକ୍ଷା



ହିମାଂଶୁ ଶେଖର ଆଚାର୍ଯ୍ୟ

ସମ୍ପ୍ରତି ପରିବେଶ ପ୍ରଦୂଷଣ,ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ ନ ସମଗ୍ର ଜୀବଜଗତପାଇଁ ସତର୍କର ଘ ି ବଜାଇ ସାରିଲାଣି। ପରିଣାମ ସ୍ୱରୂପ, ଋତୁ ଚକ୍ରରେ ମଧ ପରିବ ନ ଘଟିଲାଣି। ଛଅ ଋତୁ ଆଜି ସାତ ସପନ । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି। ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି। ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ। ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ। ଘରେ ଗରମ ତ -ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ। ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା ।

ଆଜି ବିଶ୍ୱ ପରିବେଶ ଦିବସ। ପରିବେଶ ପାଇଁ ଚିନ୍ତା କରିବାର ଦିନଟିଏ। ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ଓ ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରିବାପାଇଁ ସ୍ଥିର କରଥିଲା ।ତଦନୁଯାୟୀ ୧୯୭୪ ମସିହା ଠାରୁ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଇଆସୁଅଛି। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସ ୍ୱ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃ ିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି ।

ଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅ ଳରେ କାଳବୈଶାଖୀର ତାଣ୍ଡବ ଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ଗତବର୍ଷ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍,ଭୁଟାନ,ଭାରତ,ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉ ରାଖଣ୍ଡ ମହାପ୍ରଳୟକୁ ଏବେ ତିନିବର୍ଷ ପୂରିବାକୁ ଯାଉଛି। ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଏପରିକି । ସୂଚନା ମୁତାବକ ଏଯାବତ୍ ରାଜ୍ୟରେ ୧୪୭ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି । ମାତ୍ର ସେଥିରୁ ୩୦ ଜଣଙ୍କର ମୃତ୍ୟୁ ଅଂଶୁଗାତ ଜନିତ ବୋଲି ଜଣାପଡିଛି । ଅସହ୍ୟ ତାତି ଯୋଗୁ ବିଗତ ୨୬ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୩୮୪୦ଲୋକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଚଳିତ ବର୍ଷ ଏପ୍ରିଲ ପ୍ରଥମ ସପ୍ତାହରୁ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରତି ମୁହୂ ରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି ।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସ ୍ୱ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃ ିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେ ।ଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃ ିକା ମଧ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବ ମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ କ ି ତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ। ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏବେ ସାରା ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ପରିସ୍ଥିତି ଏପରି ହୋଇଛି ଯେ ବର୍ଷକରେ ସାତ ଆଠ ମାସ କେବଳ ମୁଣ୍ଡଫଟା ଖରା କିଛି ମାସ ବର୍ଷା ଓ ଶୀତକୁ ଛାଡିଦେଲେ ବସନ୍ତ, ଶରତ ଓ ହେମନ୍ତ ଋତୁ ହଜିଯିବାକୁ ବସିଲାଣି ତାପମାତ୍ରା ଯଦି ଏପରି ବଢିଚାଲେ ତାହେଲେ ଅମେ ବିପଦକୁ ଡକିଅନିବା ବୋଲି ପରିବେଶବିତ୍ ମାନେ କହୁଛନ୍ତି । ସେମାନଙ୍କ ମତରେ ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପ ନ ଆଉ ୧୫ ଫୁଟ୍ ବଢିଯିବ । ୧୫ ଫୁଟ୍ ତ ଦୂରର କଥା, ଜଳପ ନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ।

ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ସ୍ଥାନୀୟ ସ୍ତରରେ ଜଳବାୟୁ ପରିବ ନ ହେବାର ଯଥେଷ୍ଟ କାରଣ ରହିଛି । ଭବିଷ୍ୟତରେ ବିଶ୍ୱର ୩୮-୪୦ପ୍ରତିଶତ ଭୂଭାଗ ବ ମାନ ତୁଳାନରେ ଏକ ଭିନ୍ନ ଜଳବାୟୁ ଜୋନରେ ପ୍ରବେଶ କରିଥିବ । ଏବଂ ଆଗକୁ ପୃଥରବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ । ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନହାର ବଢିଚାଲିବ । ଏହା ଦ୍ୱାରା ପୃଥିବୀର ଅଧିକ ଅ ଳ ମରୁଭୂମି ପାଲଟିବ । ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ । ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍‌କୁ ଆସିବା ସହିତ ଗରମ ଜୋନ ଥିବା ଅ ଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି ।

ଏବେ ଚିନ୍ତା କରିବାର ବେଳ ଆସିଛି । ପରିବେଶ ସୁରକ୍ଷା ବ ମାନ ସମୟରେ ଏକ ବଡ ଆହ୍ୱାନ ।ଏବେ ପୁଣି କରୋନାର ପ୍ରକୋପ ବିଶ୍ୱପାଇଁ ଆତଙ୍କର କାରଣ ହୋଇଛି । କରୋନା ପରବ ୀ ଅବସ୍ଥା ପରିବେଶ ଉପରେ କିପରି ପ୍ରଭାବ ପକାଇବ ତାହା ସମୟ କହିବ। ଆମକୁ ମନେରଖିବାକୁ ହେବଯେ, କେବଳ ଆମର ସୁରକ୍ଷା ନୁହେଁ ଉ ରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ। ଏଥିପାଇଁ ସୁବ ସ୍ତରରେ ସଚେତନତା ସୃଷ୍ଟି ହେବା ଦରକାର । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତାକୁ ବ ।ଇରଖି ବଡ ଗଛରେ ପରିଣତ କରିପାରିଲେ ତାହାହିଁ ଆମର ପ୍ରକୃତ ଲକ୍ଷ୍ୟ ପୂରଣ କରିପାରିବ ।

*ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*




# ଲୋକପ୍ରତିନିଧି ଓ ରେସନ୍ କାର୍ଡ଼

କର୍ପୋରେଟର୍, କାଉନ୍‌ସିଲର୍, ସରପଞ୍ଚ ଓ ୱାର୍ଡ଼ମେମ୍ବରଙ୍କ ଭଳି ଲୋକପ୍ରତିନିଧି ଯେ ରେସନ୍ କାର୍ଡ଼ ଗ୍ରହଣ କରିବା ଏକ ଅପରାଧ, ଏହା ସବୁବେଳେ ଠିକ୍ ନୁହେଁ। ସମସ୍ତେ ଜାଣନ୍ତି ଯେ, ଅଧିକାଂଶ ଲୋକପ୍ରତିନିଧି ଙ୍କର ନିର୍ଦ୍ଦିଷ୍ଟ ଆୟ ନାହିଁ। ରାଜନୀତିକୁ ଏକ ବେପାର ଭାବେ ଗ୍ରହଣ କରି ହାତ ସଫେଇ ଦ୍ୱାରା ସେମାନେ ଯାହା ରୋଜଗାର କରିଥାନ୍ତି, ସେଭଳି ଆୟର କୌଣସି ଅଗମୂଳ ନଥାଏ। ତେଣୁ ତାହାକୁ ଏକ ନିର୍ଦ୍ଦିଷ୍ଟ ରୋଜଗାର ପନ୍ଥା ବୋଲି ଧରି ନିଆଯିବା ଠିକ୍ ନୁହେଁ। ଏହାଛଡ଼ା ଆମ ରାଜ୍ୟରେ ଜାତି, ଜନଜାତି ଓ ମହିଳା କୋଟାରେ ନିର୍ବାଚିତ ଲୋକପ୍ରତିନିଧି ମାନେ ଉଚ୍ଚବର୍ଗର କ୍ଷମତାଶାଳୀ ଲୋକଙ୍କର ଡ଼ମି ରୂପେ କାର୍ଯ୍ୟ କରନ୍ତି ଓ ସେମାନଙ୍କ ଇଙ୍ଗିତରେ ଉଠ୍ ବସ୍ ହୁଅନ୍ତି। ଏଭଳି ଲୋକପ୍ରତିନିଧି ଙ୍କର ଆର୍ଥିକ ଅବସ୍ଥା ଆହୁରି ଦୟନୀୟ। ଅନ୍ୟପକ୍ଷରେ ଲୋକପ୍ରତିନିଧିତ୍ୱ ଏକ ସ୍ଥାୟୀ ପଦବୀ ନୁହେଁ। କେତେବେଳେ ଯେ ପଦବୀ ଖସି ଯିବ, କହିହେବ ନାହିଁ। ବିଧାୟକ ଓ ସାଂସଦଙ୍କ ଭଳି ଦରମା ଓ ପେନସନ୍ ନାହିଁ। ଗାଁଗହଳରେ ଏଭଳି ଲୋକପ୍ରତିନିଧି ଙ୍କର ଆର୍ଥିକ ଅବସ୍ଥା ଏତେ ଖରାପ ଯେ ସେମାନଙ୍କ ପାଇଁ ରେସନ୍ କାର୍ଡ଼ ପାଇବା ଅତି ଜରୁରୀ।

ମୁଁ ରହୁଥିବା ଉମରକୋଟ୍ ପୌରାଞ୍ଚଳରେ ଭଗବାନ୍ ବାଗ୍ ନାମକ ଜଣେ କାଉନ୍‌ସିଲର ଥିଲେ। ସେ ଅନୁସୂଚିତ ଜାତି ବର୍ଗ କୋଟାରେ ନିର୍ବାଚିତ ହୋଇଥିଲେ। ସ୍ୱଳ୍ପ ଶିକ୍ଷିତ ଏହି ଲୋକପ୍ରତିନିଧି ଖୁବ୍ ଭଦ୍ର ଓ ମେଳାପୀ ଥିଲେ। ସେ ଭୂମିହୀନ ବ୍ୟକ୍ତି ଥିଲେ ଓ ଏକ ସରକାରୀ ଜାଗାରେ କୁଡ଼ିଆଟିଏ କରି ରହୁଥିଲେ। ଆଦିବାସୀ ଅଞ୍ଚଳରେ ଅଧିକାଂଶ ୪ର୍ଥ ଶ୍ରେଣୀ କର୍ମଚାରୀ ଆଦୌ କାମ କରନ୍ତି ନାହିଁ। ଦିନରାତି ମଦ ପିଇ ଜୁଆ ଖେଳି ସମୟ ବିତାନ୍ତି। ସେମାନଙ୍କୁ ଶାସନ କରିବା ଅଧିକାରୀଙ୍କ ପକ୍ଷରେ ଅସମ୍ଭବ। ଦରମା ବନ୍ଦ କଲେ କିମ୍ବା କୈଫିୟତ ମାଗିଲେ, ମଦ ପିଇ ଘରେ ଆସି ଗଣ୍ଡଗୋଳ କରନ୍ତି। ତାଙ୍କ ପକ୍ଷ ନେଇ ନେତା ମାନେ ମଧ୍ୟ ବାହାରି ପଡ଼ନ୍ତି। ତେଣୁ ଏହି ଅଞ୍ଚଳରେ ଏକ ଅଲିଖିତ ନିୟମ ଅନୁସାରେ କାମ କରୁନଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ତାଙ୍କ ବଦଳରେ ଜଣେ ଡ଼ମିକୁ ନିଯୁକ୍ତି ଦିଅନ୍ତି। ତା' ଦ୍ୱାରା ସରକାରୀ କାମ କରାନ୍ତି। ବିଚରା ଶିକ୍ଷିତ ଯୁବକଟାଏ ଭୋକ ବିକଳରେ ୪୦୦/୫୦୦ ଟଙ୍କାରେ ମାସ ସାରା କାମ କରିଥାଏ। ଆଉ ତାକୁ ଠିକା ନିଯୁକ୍ତି ଦେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀର ମାସକୁ ୨୦/୨୫ ହଜାର ଟଙ୍କା ଦରମା। ଏଥିରୁ ସାମାନ୍ୟ କିଛି ଦେଇ ତା' ଡ୍ୟୁଟୀ ସୁରୁଖୁରୁରେ ହୋଇଯାଏ। ଅଧିକାରୀ ମାନେ ମଧ୍ୟ ଶାନ୍ତିରେ ନିଃଶ୍ୱାସ ମାରନ୍ତି। ବିଚରା ଭଗବାନ୍ ବାଗ୍ ସେହିଭଳି କାମ କରି ମାସିକ ୫୦୦ ଟଙ୍କା ରୋଜଗାର କରୁଥିଲା। କିଛିଦିନ ପରେ ରୋଗରେ ପଡ଼ି ଅତି ଦୁର୍ଦ୍ଦିନରେ ତାର ଆକସ୍ମିକ ମୃତ୍ୟୁ ହୋଇଗଲା।

ଅତଏବ ଲୋକପ୍ରତିନିଧିମାନେ ରେସନ୍ କାର୍ଡ଼ ନେଲେ ବୋଲି ଯେଉଁ ହଙ୍ଗାମା ସୃଷ୍ଟି ହେଉଛି, ତାହାର ବାସ୍ତବ ଭିତ୍ତିଭୂମି କିଛି ନାହିଁ। ଲୋକପ୍ରତିନିଧି ହୋଇଗଲେ ଯେ ଜଣେ ଧନୀ ହୋଇଯିବ, ଏହା ଭାବିବା ଭୁଲ୍। ଅଧିକାଂଶ ଲୋକପ୍ରତିନିଧି କ୍ଷମତାରୁ ଗଲା ପରେ ମାଗିଯାଚି କିମ୍ବା ଧମକାଇ କିଭଳି ଚଳନ୍ତି, ତାହା ସମସ୍ତେ ଜାଣନ୍ତି। ଏଣୁ ସେମାନଙ୍କୁ ଧର, ବାନ୍ଧ ବୋଲି ଯେଉଁ ରଡ଼ି ଶୁଭୁଛି, ତାହା ଏକ ସାମାଜିକ ଅସହିଷ୍ଣୁତାର ପରିପ୍ରକାଶ। ଯେଉଁ ମାପକାଠି ଆଧାରରେ ରେସନ୍ କାର୍ଡ଼ ଚୟନ ପାଇଁ ସ୍ଥିର କରାଯାଇଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ ମନେହେଉଛି। ଜଣଙ୍କର ୩ବଖରା ଘର ଓ ଗାଡ଼ିଟିଏ ଥିଲେ, ତାକୁ ଧନୀ କୁହାଯିବା ଠିକ୍ ନୁହେଁ। ବରଂ ଲୋକଙ୍କର ଭବିଷ୍ୟତ ଅବସ୍ଥା, ସ୍ଥାବର ଅସ୍ଥାବର ସଂପତ୍ତିର ପରିମାଣ, ସାମାଜିକ ବୋଝର ପରିମାଣ ଆଦିକୁ ବିଚାରକୁ ନିଆଯିବା ଅତ୍ୟନ୍ତ ଜରୁରୀ। ତେଣୁ ଯେଉଁ ଲୋକଟି ରେସନ୍ କାର୍ଡ଼ ପାଇଛି, ତାକୁ କେବଳ ଖାମଖିଆଲ ଭାବେ କାଟି ଦେବା ଉଚିତ ନୁହେଁ। ଯଦିଓ ରେସନ୍ କାର୍ଡ଼ର ମାପକାଠି ଓ ବ୍ୟକ୍ତିର ଅବସ୍ଥାକୁ ବିଚାରକୁ ନେଇ ନିରପେକ୍ଷ ଭାବେ ଚୟନ କରାଯାଇଥାନ୍ତା, ଏଭଳି ହୋହଲଲ୍ଲା ହୋଇ ନଥାନ୍ତା।

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କୃଷିବୀମା ନ ମିଳିଲେ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିବ କିଷାନ କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ବରୁ ରାଷ୍ଟ୍ରୀୟ କୃଷି ବୀମା ଯୋଜନା ମାଧ୍ୟମରେ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରାଯାଉଥିଲା। ଫଳରେ ଚାଷୀ ସହଜରେ ବୀମା କ୍ଷତି ପୂରଣ ପାଇପାରୁ ଥିଲେ। କିନ୍ତୁ ୨୦୧୬ ଖରିଫଠାରୁ ଦେଶରେ ମୋଦୀ ସରକାରର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯିବା ଫଳରେ ଏଥିରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ହାତ ଗଣତି କେତୋଟି ଘରୋଇ ବୀମା କମ୍ପାନୀ ଓ ସରକାରଙ୍କ ମଧୁ ଚନ୍ଦ୍ରିକାରେ ସରକାର ଓ କମ୍ପାନୀମାନେ ମାଲାମାଲ ହେଉଛନ୍ତି। ଲକ୍ଷ ଲକ୍ଷ ଚାଷୀ ଠିକଣା ସମୟରେ ବୀମା ପ୍ରିମିୟମ ପଇଠ କରି ଏବେ ବୀମା ସହାୟତା ପାଇବାରୁ ବଞ୍ଚିତ। ୨୦୨୧ ଖରିଫ୍ ଋତୁରେ ବଲାଙ୍ଗିର ଜିଲ୍ଲାର ୮୦ଟି ଗ୍ରାମ ପଞ୍ଚାୟତର ଚାଷୀ କୃଷି ବୀମା କରିଥିଲେ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏବେ ସୁଦ୍ଧା କ୍ଷତି ପୂରଣ ଦିଆ ଯାଇନାହିଁ। କିଷାନ କଂଗ୍ରେସ ସମେତ ବହୁ ଚାଷୀ ସଂଗଠନ ତୁରନ୍ତ ବୀମା ଅର୍ଥ ପ୍ରଦାନ କରିବାକୁ ବାରମ୍ବାର ଦାବୀ କରି ଆସୁଥିବା ବେଳେ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଚାଷୀଙ୍କୁ ପ୍ରତାରିତ କରି ଚାଲିଛନ୍ତି। ୨୦୨୧ ବର୍ଷରେ ଫସଲ କ୍ଷତିଗ୍ରସ୍ତ ଲାଗି ୧୩୬୦କୋଟି ଟଙ୍କାର ବୀମା ସହାୟତା ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ଯୋଗାଇଦେବାର ଥିଲା। କିନ୍ତୁ ଚାଷୀଙ୍କୁ ୯୪୦ କୋଟି ଟଙ୍କା ବୀମା ରାଶି ବଣ୍ଟନ କରାଯାଇ ଆଉ ଅବଶିଷ୍ଟାଂଶ ଟଙ୍କା ବୀମା କମ୍ପାନୀ ଚାଷୀଙ୍କୁ ଗତ ଏପ୍ରିଲ ମାସ ସୁଦ୍ଧା ପ୍ରଦାନ କରିବା କଥା। ବର୍ତ୍ତମାନ ଆଉ ପ୍ରାୟ ୪୨୦ କୋଟି ଟଙ୍କା ବୀମା ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରା ନ ଯିବା ଏକ କ୍ଷୋଭର ବିଷୟ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଉଭୟ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ନିନ୍ଦା କରିଛନ୍ତି। ସରକାର ଏବେ ରକ୍ଷକ ହୋଇ ଭକ୍ଷକ ସାଜିଛନ୍ତି। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ବଲାଙ୍ଗିର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ଫସଲ କ୍ଷତିଗ୍ରସ୍ତ ଏପରି ଚାଷୀଙ୍କୁ ବୀମା କ୍ଷତିପୂରଣ ରାଶି ପ୍ରଦାନ ନ କରନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁଯାୟୀ ସଂପୃକ୍ତ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଧାରଣ, ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ୧ କୋଟି ଟଙ୍କାର ବ୍ରାଉନ ସୁଗାର ଜବତ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ପୁଲିସ ସହାୟତାରେ ଏସଟିଏଫ ଟିମ୍ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ଚଢ଼ଉ କରି ୧ କେ.ଜି. ୬୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଜବତ ବ୍ରାଉନସୁଗାର ର ମୁଲ୍ୟ ୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଚଛି। ଏହି ଘଟଣାରେ ଏସଟିଏଫ ୨ ଜଣଙ୍କୁ ଗିରଫ କରିଛି। ଏହି ଦୁଇ ବ୍ରାଉନସୁଗାର ମାଫିଆ ହେଲେ ଏସ କେ. ରାଜୁ ଓ ଅମଜାଦ ଖାନ। ରାଜୁର ଘର ବାଲେଶ୍ୱର ସହରର ଆଜିମାବାଦ ଅଞ୍ଚଳରେ ହୋଇଥିବା ବେଳେ ଅମଜାଦର ଘର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଉଭୟ ଅଭିଯୁକ୍ତ ଓ ଅନ୍ୟାନ୍ୟ ଅପରାଧୀକ ସାମଗ୍ରୀ ଜବତ କରାଯାଇଥିବା ବେଳେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ମାନସିକ ରୋଗ ଓ ରୋଗୀ

ଗୁଡ଼ାଏ କଥାକୁ ମନରେ ଚାପିଧରିବା ଏବଂ ସବୁବେଳେ ଚିନ୍ତାରେ ରହିବା ମାନସିକ ରୋଗର କାରଣ ହୁଏ। ମାନସିକ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ପ୍ରତି ୪ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ସେମାନଙ୍କ ଜୀବନକାଳ ମଧ୍ୟରେ କେବେ ନା କେବେ କିଛି ପରିମାଣରେ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ପରିବାରରେ ଅଶାନ୍ତି, ଚାକିରି ଚାପ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଅନେକଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଉଛି। ଏକ ପରିସଂଖ୍ୟାନରୁ ଜଣାଯାଏ ଭାରତରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରୁ ୧-୨ ପ୍ରତିଶତ ବ୍ୟକ୍ତିବିଶେଷ ସାଂଘାତିକ ମାନସିକ ରୋଗର ଶିକାର ନକରିପାରି ମାନସିକ ଭାରସାମ୍ୟ ହରାଇବସେ। ଯଦି ବାୟୋଲୋଜିକାଲ ଦୃଷ୍ଟିକୋଣରୁ ବିଚାର କରାଯାଏ ତେବେ ମସ୍ତିଷ୍କରେ ଥିବା ୩ଟି ନ୍ୟୁରୋଟ୍ରାନ୍ସମିଟର ତଥା ନୋରପାଇନଫ୍ରାଇନ୍, ସେରୋଟୋନିନ୍ ଏବଂ ଡୋପାମାଇନ ଯଦି ସନ୍ତୁଳିତ ଉପାୟରେ କାର୍ଯ୍ୟ ନକରନ୍ତି ତେବେ ଏହା ରାଗ ଏବଂ ଚାପ ପରି ସମସ୍ୟା ସୃଷ୍ଟି କରିପାରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପାଖାପାଖି ୭୦-୮୦ ପ୍ରକାରର ରୋଗ ରହିଛି। ତେବେ ମାନସିକ ରୋଗ ସଂଖ୍ୟା ସେଥିମଧ୍ୟରୁ ୩ ପ୍ରତିଶତ। ଏଥିରେ ରହିଛି ୪, ୫ଟି ଜଟିଳ ରୋଗ ସମସ୍ୟା। ଏଥିମଧ୍ୟରେ ରହିଛି ଡିମେନସିଆ, ସିଜୋଫ୍ରେନିଆ, ବାଇପୋଲର ଡିଜଅର୍ଡ଼ର।



ହେଉଛନ୍ତି ଏବଂ ୫ ପ୍ରତିଶତ ଟିକେ କମ୍ ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାଖାପାଖି ୨ କୋଟି ଲୋକ ମାନସିକ ରୋଗରେ ପୀଡ଼ିତ। ଏଥିପାଇଁ ୩,୫୦୦ ଜଣ ମନସ୍ତତ୍ତ୍ୱବିତ୍ ଅଛନ୍ତି ଏବଂ ୧୫୦୦ ମନସ୍ତତ୍ତ୍ୱ ନର୍ସ ଅଛନ୍ତି।

ଭାରତରେ ସହରାଞ୍ଚଳରେ ଅଧିକାଂଶ ଲୋକ ମାନସିକ ରୋଗଗ୍ରସ୍ତ ଏବଂ ଉଦ୍‌ବେଗ ଓ ବିଷାଦର ଚିକିତ୍ସା କରୁଛନ୍ତି। ଅନେକଗୁଡ଼ିଏ ପରିସଂଖ୍ୟାନରୁ ଜଣାଯାଇଛି ପାଖାପାଖି ୨୦-୨୫ ପ୍ରତିଶତ ଲୋକ ରାଗ, ବିଷାଦ ଏବଂ ଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରାରମ୍ଭିକ ଚିକିତ୍ସା ପର୍ଯ୍ୟାୟରେ ରହୁଛନ୍ତି। ତେବେ ମାନସିକ ରୋଗୀଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଇବାର କାରଣ କ'ଣ ପ୍ରକୃତରେ ଜଣା ପଡୁନଥିବା ବେଳେ ଆଶଙ୍କା କରାଯାଉଛି ଏହା ବଂଶାନୁକ୍ରମିକ ହୋଇପାରେ କିମ୍ବା ପ୍ରଦୂଷିତ ପରିବେଶ ବି ଏହାର କାରଣ ହୋଇପାରେ। ମାନସିକ ରୋଗ ବୃଦ୍ଧି ପାଇବାର ପ୍ରଧାନ କାରଣ ହେଉଛି ଚାକିରି ବୋଝ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିକ୍ଷା ଏବଂ ପ୍ରେମ ବ୍ୟାପାରକୁ ନେଇ ବିଭାଗ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଉଛି। ସୋସିଆଲ ମିଡ଼ିଆ ଫେସବୁକ୍‌କୁ ମଧ୍ୟ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧିର ଅନ୍ୟ ଏକ କାରଣ ବୋଲି ବିବେଚନା କରାଯାଇପାରେ। ନିଜର ଓଜନ କେତେ ତାହା ସେମାନେ ସେମାନଙ୍କ ଫେସବୁକ୍‌ରେ ଆଡ଼୍ କରିଥିବା ଫଟୋରେ କେତେ ଲାଇକ୍ ଆସୁଛି ସେଥିରୁ ଜାଣିପାରୁଛନ୍ତି। ଯଦି ଲାଇକ ଅଧିକ ଆସୁଛି ତେବେ ଏହା ସେମାନଙ୍କ ମାନସିକ ସ୍ଥିତି ଉପରେ ଖୁବ୍ ଭଲ ପ୍ରଭାବ ପକାଉଛି କିନ୍ତୁ ଲାଇକ୍ ଯଦି କମ୍ ଆସୁଛି ତେବେ କିଛି ମଣିଷ କ୍ରୋଧାନ୍ୱିତ ହୋଇଯାଉଛନ୍ତି ଏବଂ ମନେ ମନେ ଖୁବ୍ ଚିନ୍ତା କରୁଛନ୍ତି ଏବଂ ଅଯଥାରେ ଭାବି ହେଉଛନ୍ତି ସେମାନଙ୍କୁ କେହି ଖାତିର କରୁନାହାନ୍ତି। ତେବେ ସମସ୍ୟା ସେହି କ୍ଷେତ୍ରରେ ବେଶୀ ରହିବ ଯେଉଁ କ୍ଷେତ୍ରରେ ଜଣେ ଅଧିକ ପ୍ରଶଂସା ପାଇବାର ଆଶା ରଖିଥିବେ କିନ୍ତୁ ପାଉନଥିବେ। ତିନୋଟି ଦିଗରୁ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଏ। ଗୋଟିଏ ବାୟୋଲୋଜିକାଲ, ଆଉ ଗୋଟିଏ ସାଇକୋଲୋଜିକାଲ ଏବଂ ଅନ୍ୟଟି ସୋସିଆଲ। ମାନସିକ ଦୃଷ୍ଟିକୋଣରୁ ଏହା ଆରମ୍ଭ ହୋଇଥାଏ ଅତ୍ୟଧିକ ଚାପ ହେତୁ। ଦିନକୁ ଦିନ ଚାପ ବୃଦ୍ଧି ପାଇଲେ ମଣିଷ ଏହାକୁ ନିୟନ୍ତ୍ରଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରୁ ଏହା ମଧ୍ୟ ଜଣାଯାଇଛି ଯେ, ଭାରତରେ ୨୫ ପ୍ରତିଶତଙ୍କ କ୍ଷେତ୍ରରେ ଏହି ମାନସିକ ରୋଗ ସାରା ଜୀବନ ସମସ୍ୟା ସୃଷ୍ଟି କରେ। ଯେତେ ଚିକିତ୍ସା କରାଗଲେ ମଧ ତାହା ସମ୍ପୂର୍ଣ୍ଣ ଭଲ ହୁଏନା। ମହିଳା ଏବଂ ଶିଶୁଙ୍କ କ୍ଷେତ୍ରରେ ଏହିମାନସିକ ରୋଗ ଏତେ ମାରାତ୍ମକ ହୋଇଯାଉଛି ଯେ, ଏହାକୁ ସମ୍ଭାଳିବା ମନସ୍ତତ୍ତ୍ୱବିତ୍‌ଙ୍କ ପକ୍ଷରେ କଷ୍ଟକର ହୋଇଯାଉଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ନିକଟରେ ଏକ ପରିସଂଖ୍ୟାନର ଚିତ୍ରରୁ ଯାହା ଜଣାଯାଇଛି ଦେଶରେ ମାନସିକ ରୋଗାକ୍ରାନ୍ତ ରୋଗୀଙ୍କ ପାଇଁ ୩୦,୦୦୦ ପବ୍ଲିକ ହସପିଟାଲ ବେଡ଼ ରହିଛି। ବର୍ତ୍ତମାନ ଭାରତରେ ପାଖାପାଖି ୧୨୦ ମିଲିଅନ ଲୋକ ମାନସିକ ଏବଂ ସ୍ନାୟୁ ଜନିତ ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି। ସାଂଘାତିକ ମାନସିକ ରୋଗରେ ଆକ୍ରାନ୍ତ ୨୪ ମିଲିଅନ ଲୋକ ସବୁ ସମୟରେ ପ୍ରଫେସନାଲ ସହାୟତା ଆବଶ୍ୟକ କରିଥାନ୍ତି। ଭାବବିହ୍ୱଳାତ୍ମକ ଲକ୍ଷଣ : ଚିଡ଼ଚିଡ଼ା ଲାଗିବା ସହ ଅତ୍ୟଧିକ ରାଗ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଲକ୍ଷଣ ବି ଏହି ମାନସିକ ରୋଗର ଏକ ଅଂଶବିଶେଷ ବୋଲି ଜାଣିବେ। ଏହିସବୁ ଲକ୍ଷଣମାନ ହେଉଛି - ଭୟ ଲାଗିବା, କୌଣସି କାମରେ ମନୋନିବେଶ ନଲାଗିବା, ଚିନ୍ତା ବଢ଼ିଯିବା, ରାଗ ବଢ଼ିଯିବା, କ୍ଲାନ୍ତ ଲାଗିବା, ବିପଦର ଲକ୍ଷଣସବୁ ଦେଖାଦେବା, ମସ୍ତିଷ୍କ ଶୂନ୍ୟ ହୋଇଯିବାପରି ଲାଗିବା। ସେହିପରି ଶାରୀରିକ ଲକ୍ଷଣ ଗୁଡ଼ିକ ହେଉଛି - ହୃତ୍‌ସ୍ପନ୍ଦନ ଅଧିକ ହେବା, ଝାଳ ବୋହିବା, ପେଟରେ ସମସ୍ୟା ଦେଖାଦେବ ଏବଂ ଅଧିକ ସମୟରେ ଘୁମ୍ ଲାଗିବା, ଅଧିକ ଥର ପରିଶ୍ରା ଲାଗିବ ଏବଂ ଡାଇରିଆ ବି ହୋଇପାରେ, ମାଂସପେଶୀରେ ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧା ହେବା, ମୋଟାପଣ ବୃଦ୍ଧି ପାଇବ ଏବଂ ନିଦ ଠିକରେ ହେବନି। ବାସ୍ତବ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ। ପ୍ରାରମ୍ଭରୁ ଏହି ରୋଗକୁ କେହି ଜାଣିପାରି ନଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସମ୍ୟ ହରାଇଥାଏ। କିନ୍ତୁ ପ୍ରତିରୋଗ ପାଗଳାମି ନୁହେଁ। ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ନିଶ୍ଚିନ୍ତ ଉପଶମ ମିଳିବ।

# ଷାଠିଏ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ିଠାରୁ ବହୁ ଦୂରରେ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଅକ୍ଟୋବର ୧୫ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଧଳାବାଡ଼ି ସପ୍ତାହ ପାଳନ କରାଯାଇଥାଏ। ଦୃଷ୍ଟିବାଧିତ ବ୍ୟକ୍ତି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇ ସ୍ୱଚ୍ଛନ୍ଦରେ ଧଳାବାଡ଼ି ସାହାଯ୍ୟରେ ଯାତାୟତ କରିପାରିବେ ଏ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଆମ ରାଜ୍ୟରେ ପାଖାପାଖି ୬୦ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ଠାରୁ ବହୁ ଦୂରରେ। ଅର୍ଥାତ୍ ଏହାକୁ ବ୍ୟବହାର କରନ୍ତି ନାହିଁ। ଯଦ୍ୱାରା ଏମାନେ ସଦାସର୍ବଦା ଅନ୍ୟ ଉପରେ ସାହାରା ହୋଇ ନିର୍ଭରଶୀଳ ହୋଇଯାଉଛନ୍ତି। ତତ୍‌ସହିତ ବିଭିନ୍ନ ପ୍ରକାରର ଅଘଟଣ ଓ ଦୁର୍ଘଟଣାର ଏମାନେ ବି ଶିକାର ହୋଇଥାନ୍ତି। ଦିନକୁ ଦିନ ଧଳାବାଡ଼ି ପ୍ରତି ବଢୁଛି ହୀନମନ୍ୟତା। ଧଳାବାଡ଼ି ବ୍ୟବହାର କଲେ କେହି ଆମକୁ ବୃଦ୍ଧ କିମ୍ବା ବୃଦ୍ଧା ଭାବିବେ ଅଥବା ଦୃଷ୍ଟିବାଧିତ ମନେ କରିବେ ବୋଲି ଧଳାବାଡ଼ିକୁ ଅନେକ ଦୃଷ୍ଟିବାଧିତ ବ୍ୟକ୍ତି ବା ବିଦ୍ୟାର୍ଥୀମାନେ ବ୍ୟବହାର କରୁନାହାଁନ୍ତି ବୋଲି ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲଫେୟାର, ଭୁବନେଶ୍ୱର ପକ୍ଷରୁ ବାରଙ୍ଗସ୍ଥିତ କନକଦୁର୍ଗା ମନ୍ଦିର ପରିସର ମଧ୍ୟରେ ଆୟୋଜିତ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ଉପକଣ୍ଠରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ବିଦ୍ୟାର୍ଥୀଙ୍କୁ ଏହି ଅବସରରେ ମାଗଣାରେ ଧଳାବାଡ଼ି ପ୍ରଦାନ କରାଯାଇଥିଲା। ଧଳାବାଡ଼ିର ବ୍ୟବହାର ନିମନ୍ତେ ଦୃଷ୍ଟିବାଧିତ ମାନଙ୍କୁ ପ୍ରଶିକ୍ଷଣ ନେବାକୁ ପଡ଼ିଥାଏ। କିନ୍ତୁ ଆମ ରାଜ୍ୟରେ ଏ ନେଇ ଓରିଏଣ୍ଟେସନ୍ ଆଣ୍ଡ ମୋବିଲିଟି ଟ୍ରେନିଂ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଆକସ୍ମିକ ଭବେ କୌଣସି ଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କର ଯଦି ଦୃଷ୍ଟିଶକ୍ତି ଚାଲିଯାଏ ତେବେ ଏହି ଟ୍ରେନିଂ ନେବା ପାଇଁ ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ (ଏନ୍ଏବି) ମୁମ୍ବାଇକୁ ଯିବାକୁ ପଡ଼ିଥାଏ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଓ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା ଏହି ଅବସରରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସାମାଜିକ କର୍ମୀ ଦୀପକ ରଞ୍ଜନ ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରବୀଣ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କୁ ଧଳାବାଡ଼ି ବଣ୍ଟନ କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ୍ ପ୍ରକାଶ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବାରଙ୍ଗ ବ୍ଲକର ଇଭି ଚାରୁଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବାଦ ଓ ସମାଜସେବାର ଉଜ୍ଜ୍ୱଳ ପ୍ରତିଭା ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ 'ନାରାୟଣ ସେବା ଫାଉଣ୍ଡେସନ୍' ପକ୍ଷରୁ ବରିଷ୍ଠ ସାମ୍ବାଦିକ, କେନ୍ଦ୍ର ସରକାରଙ୍କ ପୂର୍ବତନ ଉପମହାନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ୟୁନିଟ୍-୩ସ୍ଥିତ ଆନନ୍ଦ ଆଶ୍ରୟ ଜରାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶିବନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ, ସମ୍ପାଦିକା ସମିତା ମହାରଣା ସମ୍ମାନିତ ଅତିଥି ଭାବେ, ସମ୍ପାଦକ ମଦନମୋହନ ପାଢ଼ୀ ଓ ବରିଷ୍ଠ ସାମ୍ବାଦିକ ବ୍ରଜବନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତଃ ତ୍ରିପାଠୀ ସମ୍ବାଦ ଓ ସାମ୍ବାଦିକତା ଏବଂ ସମାଜସେବାର ଜଣେ ଉଜ୍ଜ୍ୱଳ ପ୍ରତିଭା ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ଜାମ୍ମୁ-କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ତଥା ସାମ୍ବାଦିକତାକୁ ନୂତନ ଦିଗ ପ୍ରଦାନ କରିବାକୁ ଚେଷ୍ଟିତ ଥିଲେ। ଅସହାୟ, ଅନାଥ ବ୍ୟକ୍ତିମାନଙ୍କ ପାଇଁ ଏକ ସମର୍ପିତ ପ୍ରାଣସତ୍ତା ଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦୀୟମାନ ଯୁବ ସମାଜସେବୀ ନରେନ୍ଦ୍ର ରାଉତଙ୍କୁ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରି କୋଷାଧ୍ୟକ୍ଷ ଓ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ଯେ ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ନିଜ ନିଜ ସ୍ତରରେ ମା' ମାଟି ଓ ମାତୃଭାଷା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରନ୍ତୁ। ଜରାଶ୍ରମରେ ଥିବା ଅନ୍ତେବାସୀଙ୍କ ପାଇଁ ୨ ମାସର ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା ଧନ୍ୟବାଦ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ସହାୟତା କରିଥିଲେ ସମାଜସେବୀ ପଦ୍ମଚରଣ ମହାପାତ୍ର, ନାରାୟଣ ଖୁଣ୍ଟିଆ, ପ୍ରକାଶ କୁମାର ସାହୁ ଏବଂ ପିଙ୍କିନା ପ୍ରମୁଖ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m. x 4cm: Rs. 350/- (One day)
5c.m. x 4cm: Rs. 5,000/- (One Month)
5c.m. x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.KG, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବ୍ରହ୍ମାକୁମାରୀସ୍ ଓମ୍ ନିବାସରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି



ଭୁବନେଶ୍ୱର,(ପି.ଏନ) : ବ୍ରହ୍ମାକୁମାରୀଜ, ଓମ୍ ନିବାସର ବାର୍ଷିକ ଉତ୍ସବ ପାଳନ ରବିବାର ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଥମେ ସ୍ୱାଗତ ଗୀତ ବି.କେ. ଭାନୁଲତା ଓ ସ୍ୱାଗତ ନୃତ୍ୟ ପ୍ରାଚୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ତା'ପରେ ଦ୍ୱୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଭିଡ଼ିଓ ପ୍ରଦର୍ଶନୀ ମାଧ୍ୟମରେ ବାର୍ଷିକ ରିପୋର୍ଟର ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ଅରବିନ୍ଦ ପାଢ଼ୀ, ମାନ୍ୟବର ଜୟଦେବ ବିଧାୟକ, ମୁଖ୍ୟବକ୍ତା ଭାବେ ମାଉଣ୍ଟଆବୁରୁ ଆସିଥିବା ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଆତ୍ମପ୍ରକାଶ ଭାଇ ଯୋଗଦେଇ ସଂସ୍ଥା ଦ୍ୱାରା ପ୍ରଦତ୍ତ ରାଜଯୋଗର ମହତ୍ତ୍ୱକୁ ପ୍ରତିବାଦିତ କରିଥିଲେ ଓ ରାଜଯୋଗ ମେଡିଟେସନ୍‌ର ଅନୁଭୂତି କରାଇଥିଲେ । ସମ୍ମାନନୀୟ ଅତିଥି ଭାବେ ଲୋକାୟୁକ୍ତ ସଭ୍ୟ ଶ୍ରୀଯୁକ୍ତ ଦେବବ୍ରତ ସ୍ୱାଇଁ, ଲୋକାୟୁକ୍ତ ଇନକ୍ୱାରୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ତ୍ରିଲୋଚନ ପ୍ରଧାନ (ଆଇ.ଏ.ଏସ୍.), ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍‌ର ପ୍ରିନ୍ସିପାଲ୍ ପ୍ରଫେସର ପି.ସି. ଅଗରୱାଲ୍ ଓ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଶ୍ରୀଯୁକ୍ତ ଯୁଗଳ କିଶୋର ସାହୁ ଯୋଗଦେଇ ସଂସ୍ଥାର ବିଶ୍ୱବ୍ୟାପି ସେବା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ପ୍ରାନ୍ତର ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ଛୋଟ ଶିଶୁ କଳାକାରମାନେ ନିଜର ନୃତ୍ୟ ପରିବେଷଣ କରି ସମସ୍ତଙ୍କର ମନ ମୁଗ୍ଧ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ମୁଖ୍ୟ ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ । ଏତଦ୍‌ବ୍ୟତୀତ ନ୍ୟାସନାଲ୍ କାମ୍ପେନିଙ୍ଗ "ୟୁଥ୍ ଇଣ୍ଡିଆ ହେଲ୍‌ଦି ଇଣ୍ଡିଆ"ର ଶୁଭାରମ୍ଭ କରାଯାଇଥିଲା । ଏଥିରେ ପ୍ରାୟ ୧୦୦ ଜଣ ଯୁବା ଭାଇ ଭଉଣୀ ଯୋଗ ଦେଇଥିଲେ ।

# ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହେଲା ମାଷ୍ଟର କ୍ୟାଣ୍ଟିନରେ

ଭୁବନେଶ୍ୱର,(ପି.ଏନ): ଅଯୋଧ୍ୟାରେ ଆଜି ରାମ ମନ୍ଦିରରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପିତ ହେବା ସମୟରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ ଗାନ୍ଧୀଙ୍କ ରାମ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ଗାନ୍ଧୀବାଦୀ ଡାକ୍ତର ବିଶ୍ୱଜିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ କହିଲେ ଯେ, ରାମ ଭାରତୀୟ ମାନଙ୍କର ଆରାଧ୍ୟ । ଭାରତୀୟମାନଙ୍କର ହୃଦୟରେ ସେ ଥାଆନ୍ତି । ମହାତ୍ମା ଗାନ୍ଧୀ ରାମଙ୍କର ଜଣେ ସଚ୍ଚା ଭକ୍ତ । ଜୀବନବ୍ୟାପୀ ରାମାୟଣ, ରାମନାମ, ରାମଧୂନ ଜପ କରି ରାମରାଜ୍ୟ ପାଇଁ ସଂଗ୍ରାମ କରୁଥିବା ମହାତ୍ମା ଗାନ୍ଧୀ ଗୁଳିବିଦ୍ଧ ଅବସ୍ଥାରେ ସୁଦ୍ଧା ହେ ରାମ କହି ସେ ଯେ, ରାମଙ୍କର ଅନନ୍ୟ ଭକ୍ତ ତାହା ପ୍ରମାଣ କରିପାରିଛନ୍ତି । ଗାନ୍ଧୀଜୀ ସବୁ ଧର୍ମକୁ ଏକ ଦୃଷ୍ଟିରେ ଦେଖୁଥିଲେ । ଆଲ୍ଲା, ଯୀଶୁ ଓ ରାମଙ୍କ ମଧ୍ୟରେ ସେ କୌଣସି ଫରକ ଦେଖୁନଥିଲେ । ଭାରତ ବର୍ଷ ସମ୍ବିଧାନ ଆଧାରରେ ଚାଲୁଥିବା ବେଳେ, ଭାରତର ପ୍ରଧାନମନ୍ତ୍ରୀ ରାମମନ୍ଦିର ପ୍ରତିଷ୍ଠା ଆଳରେ ରାମଙ୍କର ରାଜନୀତିକରଣ କରିବା ଗ୍ରହଣୀୟ ନୁହେଁ । ଧର୍ମ ଆଚରଣ ଏକ ବ୍ୟକ୍ତିଗତ ବିଚାର ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଓ ଭାରତୀୟ ଜନତା ପାର୍ଟି ତଥା ଅନ୍ୟ ହିନ୍ଦୁତ୍ୱବାଦୀ ସଙ୍ଗଠନମାନେ ଏହାକୁ ଏକ ନିର୍ବାଚନୀ ଅସ୍ତ୍ର ରୂପେ ବ୍ୟବହାର କରିବା ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ବୋଲି ସଭାରେ ଉପସ୍ଥିତ ଆଧ୍ୟାତ୍ମିକ ଦର୍ଶନର ଲେଖକ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରଫେସର ମନୋରଞ୍ଜନ ମହାନ୍ତି, ବିଜୟ କୁମାର ତ୍ରିପାଠୀ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଦେବପ୍ରସାଦ ରାୟ, ସନ୍ତୋଷ ଦାସ, ସୁରେଶ ପାଣିଗ୍ରାହୀ, ଡ. ବିଦ୍ୟୁତଲତା ମହାନ୍ତି, ଜୟନ୍ତ କୁମାର ଦାସ, ସୁଶାନ୍ତ ମହାପାତ୍ର, ଅନ୍ତର୍ଯାମୀ ବରାଳ, ନିରୁପମା ପାଣୀ, ସତୀଶ ମିଶ୍ର, ଅଶୋକ କୁମାର ସାହୁ, ଅନିମା ରାୟ, ଅରୁଣ କୁମାର ଜେନା, ସଙ୍ଘମିତ୍ରା ଜେନା, ସଂଗ୍ରାମ ମାଝି ପ୍ରମୁଖ କହିଥିଲେ ।ସଭା ପ୍ରାରମ୍ଭରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ତଥା ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ସର୍ବ ଧର୍ମ ପ୍ରାର୍ଥନା ଆୟୋଜିତ କରାହୋଇଥିଲା । ଗାନ୍ଧୀଙ୍କ ରାମ ପୁସ୍ତକର ଅନୁବାଦକ ଜୟନ୍ତ କୁମାର ଦାସ ଓ ସମ୍ପାଦକ ମିହିର ପ୍ରତାପ ଦାସ ସଭାରେ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ରାଷ୍ଟ୍ରୀୟ ଯୁବା ସଂଗଠନର ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଦେଇଥିଲେ ଓ ମାନସ ପଟ୍ଟନାୟକ ସଭା ସଂଚାଳନ କରିଥିଲେ ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧୀନଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପ ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକା

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍‌ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଚିକିତ୍ସା ଅଭାବରୁ ତିନି ବର୍ଷ ହେଲା ଖଟରେ ଶୋଇ ରହିଛନ୍ତି ରୁଆବତୀ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ବାଲିଗୁଡା ବ୍ଲକ ବୁଡୁରିକିଆ ପଂଚାୟତ ମାଦିନାଟ ପସାରୀ ସାହିରେ ରୁଆବତୀ ମଲ୍ଲିକ (୪୫)ଖଟରେ ପଡି ରହି କଷ୍ଟ ପାଉଛନ୍ତି ପ୍ରତି ମାସରେ ସ୍ତ୍ରୀ ରୋଗ ଜନିତ ସମସ୍ୟା ଦେଖାଯାଉଛି ବୋଲି କହିଛନ୍ତି । ଏନେଇ ତାଙ୍କର ଦେହ ଶୁଖି ଶୁଖି ଯାଉଛି,ସ୍ୱାମୀ ଏବଂ ତିନୋଟି ପୁଅ ଗୋଟିଏ ଝିଅ ସହ ରୁହନ୍ତି । ସ୍ୱାମୀ ଦିନ ମଜୁରିଆ ଭାବେ କାମ କରି ଘର ଚଳାଉଛନ୍ତି । ପିଲାମାନଙ୍କ ପାଠ ପଢ଼ାରେ ଏବଂ ଘର ଖର୍ଚ୍ଚ କରି ବଳକା ହେଲେ କିଛି ଔଷଧ କିଣିବାକୁ ଅସମର୍ଥ ଅଟନ୍ତି । ସବୁ ମାସରେ ଔଷଧ କିଣିବାକୁ ଅର୍ଥ ଯୋଗାଡ ହୋଇପାରେ ନାହିଁ । ରୁଆବତୀଙ୍କ ସ୍ୱାମୀ ନାଜିରା ମଲ୍ଲିକ କହିବା ଅନୁଯାୟୀ ସେ ପ୍ରଥମେ ତାଙ୍କ ସ୍ତ୍ରୀଙ୍କୁ ଧରି ବାଲିଗୁଡା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପରାମର୍ଶ ଦେଇଥିଲେ । ସେଠାରେ ମଧ ସେହି ସମସ୍ୟା ମୁଖ୍ୟ ଡାକ୍ତରଖାନର ଡାକ୍ତର ବ୍ରହ୍ମପୁର ନେବାକୁ କହିଥିଲେ । ନାଜିରାଙ୍କ ପାଖରେ ବ୍ରହ୍ମପୁର ନେବାପାଇଁ ଆର୍ଥିକ ସମ୍ବଳ ନଥିବାରୁ ସେହିଦିନଠାରୁ ରୁଆବତୀ ଖଟରେ ଜୀବନ ବିତାଉଛନ୍ତି । ତାଙ୍କ ଦୁଃଖରେ ସ୍ୱାମୀ ମଧ ଭାଙ୍ଗି ପଡିଛନ୍ତି । ସେ କହିଛନ୍ତି ସରକାର ଏତେ ଯୋଜନା କରିଛନ୍ତି ଅଥଚ ଆମ ଭଳିଆ ଗରିବ ଆଦିବାସୀଙ୍କ ନିକଟକୁ କାହିଁକି ପହଂଚିପାରୁ ନାହିଁ । ନେତା ରାଜନେତା ସମସ୍ତେ ଆସନ୍ତି ଭୋଟ ନେବାକୁ ହେଲେ ଆମ ଗୁହାରୀ କେହି ଶୁଣୁ ନାହାନ୍ତି । ତେଣୁ ସରକାରଙ୍କ ତରଫରୁ ଜଦି କିଛି ସହାୟତା ମିଳିପାରନ୍ତା ମୋ ସ୍ତ୍ରୀ ନିଶ୍ଚୟ ଭଲ ହୋଇପାରନ୍ତା ବୋଲି କହିଛନ୍ତି ଗରିବ ଆଦିବାସୀ ନାଜିରା ।

## ଓଡ଼ିଶାବାସୀ ସତର୍କ ରୁହନ୍ତୁ, ଜଙ୍ଗଲ ଜମି ଲୁଟେରା ସରକାର ଆସୁଛି: ଡ. ଅଜୟ କୁମାର

ଭୁବନେଶ୍ୱର,(ପି.ଏନ): ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାର ଜନସାଧାରଣଙ୍କ ବିଶ୍ୱାସ ଓ ଭଲପାଇବା କଂଗ୍ରେସ ପ୍ରତି ବୃଦ୍ଧି ପାଇଛି। ସାରା ଦେଶରେ ମଧ ଜନସାଧାରଣ ଯେଭଳି ଭାବେ କଂଗ୍ରେସକୁ ସମର୍ଥନ ଜଣାଇଲେ ଓ ନରେନ୍ଦ୍ର ମୋଦିଙ୍କ ସରକାରକୁ ଜବାବ ଦେଲେ ସେଥିପାଇଁ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ। ତେବେ ଏହି ନିର୍ବାଚନର ଫଳାଫଳ ଓଡ଼ିଶାବାସୀଙ୍କ ପାଇଁ ଏକ ସତର୍କ ଘଂଟି। ଏହା ସମସ୍ତଙ୍କ ପାଇଁ ଏକ ବିରାଟ ଚେତାବନୀ ମଧ। କାରଣ ଓଡ଼ିଶାକୁ ଜଙ୍ଗଲ, ଜମି, ଖଣି ଓ ପାଣି ଲୁଟେରା ସରକାର ଆସୁଛି। ପୂର୍ବରୁ ଭାରତୀୟ ଜନତା ପାର୍ଟିର ସରକାର ଛତିଶଗଡ଼, ଗୁଜରାଟ ଓ ମଧ୍ୟପ୍ରଦେଶରେ ଜଙ୍ଗଲ, ଜମି ଲୁଟି ସଫା କରିଦେଇଛି। ଏବେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ ଭଳି ଜିଲ୍ଲାର ଆଦିବାସୀ, ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି, ଘରଦ୍ୱାର ଉପରେ ଏହି ସରକାରର ଲୋଲୁପ ଦୃଷ୍ଟି ପଡ଼ିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ମୋଦି ଲୁଟିନେବାକୁ ଯୋଜନା କରିଛନ୍ତି। ତେବେ କଂଗ୍ରେସ ଏହା କରାଇ ଦେବନି। କଂଗ୍ରେସର ୧୪ ବିଧାୟକ ୧୪୦ ବିଧାୟକଙ୍କ ସହ ସମାନ। ସେମାନେ ବିଧାନସଭାରେ ଓ ବିଧାନସଭା ବାହାରେ ଓଡ଼ିଶାବାସୀଙ୍କ ସ୍ୱାର୍ଥ, ସେମାନଙ୍କ ଜଙ୍ଗଲ ଜମିର ସୁରକ୍ଷା ପାଇଁ କାର୍ଯ୍ୟ କରିବେ। ତେଣୁ ଆମେ ଓଡ଼ିଶାବାସୀଙ୍କ ହାତ ଛାଡ଼ିବୁ ନାହିଁ। ଓଡ଼ିଶାବାସୀ ମଧ ଆମ ହାତ ଛାଡନ୍ତୁ ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର କହିଛନ୍ତି।ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଅଜୟ କୁମାର କହିଲେ ଯେ ମିଛ, ଘୃଣା ଓ ଅହଙ୍କାରର ରାଜନୀତି କରୁଥିବା ମୋଦି ସରକାରଙ୍କୁ ଦେଶବାସୀ ଚଳିତ ନିର୍ବାଚନରେ ଉପଯୁକ୍ତ ଜବାବ ଦେଇଛନ୍ତି। ଦେଶରେ ଏନ୍‌ଡିଏ ସରକାର ଗଢ଼ିବାକୁ ଯାଉଥିଲେ ମଧ ସହଯୋଗୀ ଦଳମାନେ କେତେଦୂର ମୋଦିଙ୍କ ସହ ରହିବେ ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ଟିଡିପି ଓ ଜେଡିୟୁ ଭଳି ଦଳମାନେ ସେମାନଙ୍କର ବିଭିନ୍ନ ପ୍ରକାର ଦାବି ରଖୁଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଓଡ଼ିଶାବାସୀଙ୍କୁ ସତର୍କ ରହିବାକୁ ପଡ଼ିବ। କାରଣ ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଇବା ସହ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିବ। ଏବେଠାରୁ ହଠାତ୍ ଓଡ଼ିଶାକୁ ସୁଟ୍ ବୁଟ୍ ପିନ୍ଧୁଥିବା ଲୋକଙ୍କ ସୁଅ ଛୁଟିଲାଣି। ସେମାନେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଲୁଟିନେବାକୁ ଉଦ୍ୟମ କରିବେ। ତେବେ କଂଗ୍ରେସ ସେମାନଙ୍କୁ ମୁକାବିଲା କରିବ। ଆସନ୍ତା ୫ବର୍ଷ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସର ଲଢ଼େଇ ଆହୁରି ଜୋରଦାର ହେବ। ଚଳିତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବା ନେତାମାନଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେବ। ତେବେ ଯେଉଁମାନେ ଦଳ ପାଇଁ କିଛି କାର୍ଯ୍ୟ କରିନାହାଁନ୍ତି କିମ୍ବା ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ. ଅଜୟ କୁମାର ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ତେଲେଙ୍ଗାନାର ଉପ ମୁଖ୍ୟମନ୍ତ୍ରୀ ମାଲୁଭାଟି ବିକ୍ରମାର୍କା ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେଶବାସୀ ଯେଭଳି କଂଗ୍ରେସକୁ ସମର୍ଥନ ଜଣାଇଲେ ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ ଯେ ଦେଶର ଦଳିତ, ଆଦିବାସୀ, ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ତା'ର ଲଢ଼େଇ ଜାରି ରଖିବ। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ ଚଳିତ ନିର୍ବାଚନରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ଜଣାଇବା ସହ କଂଗ୍ରେସ ପ୍ରତି ସେମାନଙ୍କ ଭଲପାଇବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦଳର ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

# ବାଲିଆଗୋଡା ସର୍ଭିସ୍ ରୋଡ୍ ପାଲଟିଛି ମରଣଯନ୍ତା, କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



କେନ୍ଦୁଝର(ପିଏନ)-କଥାରେ ଅଛି ଦେଲା ପୁଅ ଗେହ୍ଲା ନ ଦେଲା ପୁଅ ମଲା । କିନ୍ତୁ କେନ୍ଦୁଝର ଜିଲ୍ଲା ପାଇଁ ଏହି ଉକ୍ତିଟି ସମ୍ପୂର୍ଣ୍ଣ ବିପରୀତ । ରାଜ୍ୟ ରାଜକୋଷକୁ ସିଂହ ଭାଗର ରାଜସ୍ୱ ଦେଇ ଆସୁଥିବା କେନ୍ଦୁଝର ଜିଲ୍ଲା ସେଦିନ ଅବେହଳିତ ଥିଲା ଆଜି ବି ଅବହେଳିତ ହୋଇ ପଡି ରହିଛି । ଏଠାରେ ନାଁ ଅଛି ବିକାଶ ନାଁ ଅଛି ପ୍ରଗତୀ, ଏଠାରେ ପ୍ରାୟତଃ ସରକାରଙ୍କ ଯୋଜନା ପ୍ରଚାର ପ୍ରସାରରେ ସୀମିତ । ଯାହା କେନ୍ଦୁଝରର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଥିବା ବାଲିଆଗୋଡା ସ୍ଥିତ ସର୍ଭିସ୍ ରୋଡ୍‌କୁ ଦେଖିଲେ ସହଜରେ ଜଣା ପଡିଯାଉଛି । କେନ୍ଦୁଝର ଜିଲ୍ଲା ଖଣିଜ ସାମଗ୍ରୀରେ ଭରପୁର ଥିବାରୁ ପ୍ରାୟ ସବୁଦିନ ଏହି ରାସ୍ତା ଦେଇ ଶହ ଶହ ଟ୍ରିପ୍ ଖଣିଜ ସାମଗ୍ରୀ ପରିବହନ ହୋଇଥାଏ । କିନ୍ତୁ ଯେଉଁ ରାସ୍ତା ପାଇଁ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ଯାଇଥାଏ ସେହି ରାସ୍ତାର ଅବସ୍ଥା ସ୍ୱ ଚକ୍ଷୁରେ ନ ଦେଖିଲେ ବିଶ୍ୱସ ହେବନାହିଁ । ବିଶେଷ କରି ବାଲିଆଗୋଡା ଠାରେ ଥିବା ସର୍ଭିସ ରୋଡ୍‌ରେ ପ୍ରାୟ ୩ଫୁଟର ଖାଲ ହେବା ଫଳରେ ମୋଟରସାଇକେଲ ବି ଆସିବା କଷ୍ଟକର ହୋଇ ପଡିଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତା ଦେଇ ସିରିୟସ ରୋଗିଟିଏକୁ ନେଇ ଆସୁଥିବା ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଂଚି ନପାରିବା ପ୍ରଶାସନର ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହି ରାସ୍ତା ଦେଇ ଅଟୋ କିମ୍ବା ଚାରି ଚକିଆ ଯାନ ଆସିପାରୁ ନଥିବା ବେଳେ ଭାରୀଯାନ ଜୋର ଜବରସ୍ତ ଆସିବା ଯୋଗୁଁ ରାସ୍ତାର ଖାଲରେ ପଡି ଯାନ୍ତ୍ରୀକ ତ୍ରୁଟି ହେବା ଫଳରେ ଦିନ ଦିନ ଧରି ରାସ୍ତା ଉପରେ ଅଟକି ରହୁଛି । ଫଳରେ ଅନେକ ସମୟରେ ରାସ୍ତା ଜାମ୍ ରହିବା ଯୋଗୁଁ ସାଧାରଣ ଜନତା ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ ହଜାର ହଜାର କୋଟି ଟଙ୍କା ଗଛିତ ଥିବାବେଳେ ସଦର ମହକୁମା ଠାରୁ ମାତ୍ର ୩କି.ମି. ଦୂରରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । କହିବାକୁ ଗଲେ ପ୍ରଶାସନର ଉଦାସିନତା ଯୋଗୁଁ ଏହି ରାସ୍ତା ଏବେ ପାଲଟିଛି ମରଣଯନ୍ତା । କାରଣ ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କିଛିଦିନ ପୂର୍ବରୁ ପ୍ରଶାସନ ତରଫରୁ କିଛି ଚିପ୍ସ ଓ ବଜୁରୀ ରାସ୍ତାରେ ପକାଇ ଦେଇ ନିଜର କର୍ତ୍ତବ୍ୟ ସାରି ଦେଇଥିଲେ । କିନ୍ତୁ ଏହା ୧୫ଦିନ ମଧ୍ୟରେ ଅବସ୍ଥା ପୁଣି ଯଥା ପୂର୍ବଂ ତଥା ପରଂ । ଯଦି କେନ୍ଦୁଝର ମହକୁମାରୁ ଚମ୍ପୁଆ, ଝୁମ୍ପୁରା, ଯୋଡା, ବଡବିଲ ଆଦି ମହତ୍ତ୍ୱପୂର୍ଣ୍ଣ ଜାଗାକୁ ଯିବା ଆସିବା କରିବାର ମୁଖ୍ୟ ରାସ୍ତାର ଅବସ୍ଥା ଏୟା ତେବେ ଗାଁ ଗହଳି ମାନଙ୍କର ରାସ୍ତାର ଅବସ୍ଥା କଣ ହୋଇଥିବ ସହଜରେ ଅନୁମାନ କରି ହେଉଛି ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

# ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ । କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ । ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା । କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି । ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି । ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ । ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ । ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ



ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Friday June 07, 2024 ଭୁବନେଶ୍ୱର ଶୁକ୍ରବାର, ଜୁନ ୦୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ




ପାରାଦୀପ,(ପି.ଏନ): ପରିବେଶ ସୁରକ୍ଷିତ ରଖିବା ପାଇଁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଆସୁଅଛି । ଏହି କ୍ରମରେ ପାରାଦୀପସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷ ମୃର୍ତ୍ତିକା ସଂରକ୍ଷଣ, ମରୁଭୂମି ଓ ମରୁଡ଼ି ସ୍ଥିରତା ବିଷୟକୁ ନେଇ ସାରା ଦେଶରେ ପରିବେଶ ଦିବସ ପାଳନ କରାଯାଉଛି । ଏହି ଅବସରରେ ମଧୁବନସ୍ଥିତ କାର୍ଯ୍ୟାଳୟ ବରିଷ୍ଠ ଅଧିକାରୀ ଧନଞ୍ଜୟ କୁମାର ସିହ୍ନା, ନିର୍ମଳେନ୍ଦୁ ପୁରୋହିତ ବୃକ୍ଷରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହା ପରେ ଅନ୍ୟ ଅଧିକାରୀମାନେ ବୃକ୍ଷରୋପଣ କରିଥିଲେ । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ, ବଂଚିବା ପାଇଁ ନିର୍ମଳ ବାୟୁର ଆବଶ୍ୟକତା ରହିଛି । ସ୍ୱଚ୍ଛ ଜଳ ଓ ବୃକ୍ଷର ଆବଶ୍ୟକତା ରହିଛି ସେଥି ପାଇଁ ସମସ୍ତେ ନିଜ ନିଜ ଘରେ କିମ୍ବା ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

# ନିର୍ବାଚିତ ୪ ବିଧାୟକ ମା ହିଙ୍ଗୁଳାଙ୍କୁ ଦର୍ଶନ କଲେ

ତାଳଚେର,(ପି.ଏନ): ବିଜେପିର ନବ ନିର୍ବାଚିତ ୪ ବିଧାୟକ ଗୁରୁବାର ତାଳଚେର ର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ମା ହିଙ୍ଗୁଳା ଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି ।ମା ଙ୍କ ପୀଠ ଗୋପାଳ ପ୍ରସାଦ ରେ ବିଜେପି ର ନବ ନିର୍ବାଚିତ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ପରଜଙ୍ଗ ବିଧାୟକ ବିଭୁତି ପ୍ରଧାନ, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପୂଜାର୍ଚ୍ଚନା କରିଥିଲେ ।ହିଙ୍ଗୁଳା ମଣ୍ଡଳ ସଭାପତି ରଜେନ୍ଦ୍ର ସିଂହ ଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସ୍ୱାମୀଙ୍କ ପାଇଁ ଦିନଟିଏ ସାବିତ୍ରୀ ବ୍ରତ



କାକଟପୁର,(ପି.ଏନ):ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡିଆ ଘର ର ସମସ୍ତ ସଧବା ନାରୀମାନେ ଏହି ଦିନ ଭକ୍ତି ଓ ନିଷ୍ଠା ର ସହିତ ନିଜ ସ୍ୱାମୀ ଙ୍କ ଦୀର୍ଘଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ପ୍ରାତଃ ରୁ ସ୍ନାନ କରି ଗ୍ରାମଦେବତୀ ଙ୍କ ନିକଟରେ ନୂଆ ଲୁଗା, ସିନ୍ଦୁର, ଅଳତା, ଫଳମୂଳ ଭୋଗ ଲାଗି କରିଥିଲେ। ଠାକୁରାଣୀ ଙ୍କ ନିକଟରେ ପୂଜା ହୋଇଥିବା ଲୁଗା ଓ ନବବସ୍ତ୍ର ପିନ୍ଧିବା ସହିତ ଅଳତା, ସିନ୍ଦୁରଶଙ୍ଖା ପିନ୍ଧି ନିଜ ନିଜ ସ୍ୱାମୀ ଙ୍କୁ ପ୍ରଣାମ କରିଥିଲେ। ଠାକୁର ମାନଙ୍କ ନିକଟରେ ଭୋଗ ଲାଗି ହୋଇଥିବା ଫଳ ମୂଳ ଖାଇ ଓଷା ପାଳନ କରିଛନ୍ତି। ନିଜ ନିଜ ସ୍ୱାମୀ ଙ୍କ ଦୀର୍ଘାୟୁ କାମନା କରି ସଧବା ମହିଳା ମାନେ ଏହି ବ୍ରତ/ଓଷା ପାଳନ କରିଥାନ୍ତି। କିମ୍ବଦନ୍ତୀ ରହିଛି ଯେ, ସାବିତ୍ରୀ ନିଜ ସ୍ୱାମୀ ଭକ୍ତି,ବାକପଟୁତା, ଚତୁରତା କାରଣ ରୁ ମୃତ୍ୟୁ ର ଦେବତା ଯମ ଙ୍କୁ ସନ୍ତୁଷ୍ଟ କରି ନିଜ ସ୍ୱାମୀ ସତ୍ୟବାନ ଙ୍କୁ ପୁନଃ ଜୀବନ ଦେବା ସହିତ ଶଶୁର ଙ୍କ ଅନ୍ଧତ୍ୱ ଦୂର କରିଥିଲେ ଓ ଶଶୁର , ସ୍ୱାମୀ ଙ୍କୁ ହାରିଯାଇଥିବା ରାଜ୍ୟ ଫେରସ୍ତ ଆଣି ଦେଇ ପାରିଥିଲେ। ଏଣୁ ସାବିତ୍ରୀ ଙ୍କୁ ମହାସତୀ ର ଆଖ୍ୟା ଦିଆଯାଇଅଛି। ଜ୍ୟେଷ୍ଠ ଅମାବାସ୍ୟା ଦିନ ସଧବା ମହିଳା ମାନେ ସାବିତ୍ରୀ ଓଷା/ବ୍ରତ ପାଳନ କରି ନିଜ ସ୍ୱାମୀ ଙ୍କ ଦୀର୍ଘ ଜୀବନ କାମନା କରିବା ସହିତ ନିଜ ପରିବାର ର ମଙ୍ଗଳ କାମନା କରିଥାନ୍ତି। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ସହଧର୍ମିଣୀ ଙ୍କ ପାଇଁ ବିଭିନ୍ନ ଫଳମୂଳ, ନୂଆଶାଢ଼ୀ, ବସ୍ତ୍ର , ଅଳତା, ସିନ୍ଦୁର ପ୍ରଭୃତି କିଣି ନେଇଥାନ୍ତି । ସାବିତ୍ରୀ ବ୍ରତ ଓଡିଆ ସଂସ୍କୃତି ସହିତ ଜଡିତ ହୋଇ ରହି ଆସିଛି କାହିଁ କେତେ କାଳରୁ। ସାବିତ୍ରୀ ବ୍ରତ ପାଇଁ ସାରା ରାଜ୍ୟ ଉତ୍ସବ ମୁଖର ହୋଇ ପଡିଛି।

# ଓଡ଼ିଶାବାସୀଙ୍କୁ ବିଜେପି ନେତା ପୁରନ୍ଦର ମିଶ୍ରଙ୍କର ଧନ୍ୟବାଦ ପ୍ରଦାନ




ରାୟପୁର/ଭୁବନେଶ୍ୱର ,(ପି.ଏନ): ଛତିଶଗଡ଼ ରାଜ୍ୟ ଭାରତୀୟ ଜନତା ପାର୍ଟି ପକ୍ଷରୁ ଓଡ଼ିଶା ନିର୍ବାଚନ ପାଇଁ ନିଯୁକ୍ତ ସହ-ପ୍ରଭାରୀ ତଥା ରାୟପୁର ନଗର ଉତ୍ତରର ବିଧାୟକ ପୁରନ୍ଦର ମିଶ୍ର ଏକ ବିବୃତିରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ବିଜେପିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇଥିବାରୁ ଓଡ଼ିଶାର ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଓଡ଼ିଶାର ମୂଳବାସିନ୍ଦା ଏବଂ ଛତିଶଗଡ଼ର ୩୫ଲକ୍ଷ ଓଡ଼ିଆ ଅଧିବାସୀଙ୍କୁ ନେଇ ଗଠିତ ସମଗ୍ର ଓଡ଼ିଆ ସମାଜର ଅଧ୍ୟକ୍ଷ ଶ୍ରୀ ମିଶ୍ର, ପ୍ରଥମଥର ପାଇଁ ରାଜ୍ୟରେ ବିଜେପିର ଏକାକୀ ଭାବେ ସରକାର ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଓଡ଼ିଶାବାସୀଙ୍କୁ ଭବ୍ୟ ବଧାଇ ଜଣାଇଛନ୍ତି ।ଲୋକସଭା ନିର୍ବାଚନରେ ଜୟଯୁକ୍ତ ହୋଇଥିବା ରାଜ୍ୟର ୨୦ଜଣ ସାଂସଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ହାତମୁଠାକୁ ଟାଣ କରିବା ଏବଂ ତୃତୀୟ ଥର ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ଗାଦିରେ ଆସୀନ କରିବା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀ ମିଶ୍ର ଆଶା ପ୍ରକଟ କରିଛନ୍ତି। ବିଧାନସଭାରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ଭୂମିରେ ବିଜେପି ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା କରିବାକୁ ଯାଉଥିବାରୁ, ଓଡ଼ିଶାରେ ସୁବର୍ଣ୍ଣଯୁଗର ଆରମ୍ଭ ହେବାକୁ ଯାଉଥିବା ଶ୍ରୀ ମିଶ୍ର ଘୋଷଣା କରିଛନ୍ତି। ରାଜ୍ୟର ନୂଆ ବିଜେପି ସରକାର ଛତିଶଗଡ଼ ଭଳି ଓଡ଼ିଶାକୁ ବିକାଶର ଶୀର୍ଷ ସ୍ଥାନରେ ପହଞ୍ଚାଇବା ସାଙ୍ଗକୁ ଅତିକମରେ ୧୫ବର୍ଷ କାଳ ଶାସନ କରିବ ବୋଲି ସେ ଭବିଷ୍ୟବାଣୀ କରିଛନ୍ତି। ୧୦ ତାରିଖରେ ଭୁବନେଶ୍ୱରର ଜନତା ମୈଦାନରେ ଶପଥ ନେବାକୁ ଯାଉଥିବା ନୂତନ ମୁଖ୍ୟମନ୍ତ୍ରୀ ଜଣେ ଖାଣ୍ଟି ଓଡ଼ିଆ ହେବା ସହିତ ଓଡ଼ିଆ ଭାଷା, ସଂସ୍କୃତି, ସ୍ୱାଭିମାନ, ଐତିହ୍ୟ ଓ ପରମ୍ପରାର ଟେକ ରଖିବା ପାଇଁ ସଦାସର୍ବଦା ତତ୍ପର ରହିବେ ବୋଲି ଶ୍ରୀ ମିଶ୍ର ସୂଚାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ମିଶ୍ର, ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ଓ ଅନ୍ୟାନ୍ୟ ତୁଙ୍ଗ ନେତୃବର୍ଗଙ୍କ ସହିତ ମିଶି ଓଡ଼ିଶାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀମାନଙ୍କ ସପକ୍ଷରେ ଘମାଘୋଟ ପ୍ରଚାର କରିଥିଲେ। ବ୍ୟକ୍ତିଗତ ଭାବେ ପୁରନ୍ଦର ମିଶ୍ର ଓଡ଼ିଶାରେ ଏକମାସ ଧରି ରହି ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ, ଭୁବନେଶ୍ୱର, ପୁରୀ, ଭଦ୍ରକ ଏବଂ କେନ୍ଦ୍ରାପଡା ଆଦି ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବିଭିନ୍ନ ବିଧାନସଭା କ୍ଷେତ୍ରରେ ନିର୍ବାଚନୀ ଜନସଭା, ବିଜୟ ସଂକଳ୍ପ ସମାବେଶ, ପଥପ୍ରାନ୍ତ ବୈଠକ, ରୋଡ଼ଶୋ, ଶୋଭାଯାତ୍ରା, ପଦଯାତ୍ରା ଏବଂ ଘରକୁ ଘର ଜନସମ୍ପର୍କ ଅଭିଯାନରେ ଅଂଶ ଗ୍ରହଣ କରି ଦଳର ପ୍ରଚାରର ମଙ୍ଗକୁ ଧରିଥିବାର ସୂଚନା ମିଳିଥିଲା। ସେ ପ୍ରଚାର କରିଥିବା ପ୍ରାୟ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱସ୍ଥାନରେ ବିଜେପିର ପ୍ରାର୍ଥୀମାନେ ଜୟଯୁକ୍ତ ହୋଇଥିବା ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ରାଜ୍ୟର ସଚେତନ ଭୋଟଦାତାମାନେ ତାଙ୍କର ନିବେଦନକୁ ରକ୍ଷା କରି ଓଡ଼ିଆ ସଭ୍ୟତା, ସଂସ୍କାର ଓ ଅସ୍ମିତାର ଘୋର ବିରୋଧୀ,ସାଧାରଣ ଲୋକଙ୍କର ଅହିତକାରୀ ଏବଂ ଭ୍ରଷ୍ଟାଚାରୀ ପଟ୍ଟନାୟକ-ପାଣ୍ଡିଆନ ଯୋଡ଼ି ସରକାରକୁ ଶାସନରୁ ହଟାଇଥିବାରୁ, ଶ୍ରୀ ମିଶ୍ର ରାଜ୍ୟବାସୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିରଜା ମନ୍ଦିର ପରିସରରେ ସାବ୍ରିତୀ ଉପଲକ୍ଷେ ଦହି ସର୍ବତ ବଣ୍ଟନ



ଯାଜପୁର,(ପି.ଏନ): ଯାଜପୁରର ଅଗ୍ରୀ ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ଦହି ସର୍ବତ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପଦେଷ୍ଟା ହରିହର ସ୍ୱାଇଁ, ଉପେନ୍ଦ୍ର କୁମାର ଯେନା, କିଶୋର ଦାସ, ଗୋପାଳ ଚନ୍ଦ୍ର ବେହେରା, ଆଦିକନ୍ଦ ପଣ୍ଡା, ରଜତ କୁମାର ମିଶ୍ର, ସୁକାନ୍ତ ରାଉତ, ତାରାକାନ୍ତ ମଲ୍ଲିକ, ଗୌତମ ବିକାଶ ମହାନ୍ତି, ଗୌତମ ମହାରଣ୍ୟ, ଅଶୋକ କୁମାର ପାଣିଗ୍ରାହୀ, ସ୍ୱାତୀ ପଣ୍ଡା, ମାମାଲି ସାହୁ, ସକୁନ୍ତଳା ବେହେରା, ଦମୟନ୍ତୀ ରାଉତ, ମମତା ରାଣୀ ଯେନା, ସଞ୍ଜୁକ୍ତା ପଣ୍ଡା, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, ଅଧ୍ୟାପିକା ବିଜୟିନୀ ପାକିଜା ସାମଲ, ପୂର୍ଣ୍ଣୀ ମଲ୍ଲିକ ପ୍ରମୁଖଙ୍କ ସହଯୋଗରେ ଦହି, ଲେମ୍ବୁ ର୍ସତ ବଣ୍ଟନ କରିଛନ୍ତି। ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ମା'ବିରଜାଙ୍କ ପରିସରରେ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାଧାରେ ପ୍ରଶଂସା କରାଯାଇଛି । ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଛନ୍ତି।

# ୨୦୨୪ ନିର୍ବାଚନ ଫଳାଫଳ ବିଜେପି ଓ ମୋଦୀ ପାଇଁ ସତର୍କ ଘଣ୍ଟି

ଭୁବନେଶ୍ୱର,(ପି.ଏନ) : ୨୦୨୪ ନିର୍ବାଚନ ଫଳାଫଳରେ ଦେଶରେ ୬୫ କୋଟି ଭୋଟଦାତା ବିଜେପି ଓ ମୋଦୀ ସରକାରଙ୍କର ମନମୁଖୀ କାର୍ଯ୍ୟ ଇଡ଼ି, ସିବିଆଇ ଦୁରୁପଯୋଗ ବିଭିନ୍ନ ରାଜ୍ୟରେ କ୍ଷମତା ଓ ଅର୍ଥର ଦୂରୁପଯୋଗ କରି ସରକାର ଯୋଡ଼ତୋଡ଼୍ କାର୍ଯ୍ୟରେ ଅଙ୍କୁଶ ଲଗାଇଛନ୍ତି। ଯାହାଫଳରେ ୨୦୧୯ ରେ ବିଜେପିର ସଂସଦ ସଂଖ୍ୟା ୩୦୩ ରୁ ୨୪୦କୁ ଖସି ଆସିଛି। ଯାହାଫଳରେ ବିଜେପି ଦଳ ଅନ୍ୟଦଳର ବିନା ସହାୟତା ସରକାର ଗଠନ କରିପାରିବେ ନାହିଁ। ଅନ୍ୟପକ୍ଷରେ କଂଗ୍ରେସ ଦଳ ନେତୃତ୍ୱରେ ବିରୋଧି ଦଳ ୧୩୧ ରୁ ୨୩୪ରେ ପହଂଚିଛି। ଓ ଏକାକି କଂଗ୍ରେସ ଦଳ ୪୫ ରୁ ୯୯ ରେ ପହଂଚି ପାରିଛି। ବିଜେଡ଼ି ଓ ବିଜେପିର କ୍ଷମତା ଓ ଅର୍ଥର ଦୂରୁପଯୋଗ ସତ୍ତ୍ୱେ ଓ ବିରୋଧି ଦଳ ଓ କଂଗ୍ରେସ ଦଳରକୁ ନିର୍ବାଚନ ପାଇଁ ଧନୀକ ଲୋକମାନେ ସାହାଯ୍ୟ ନ କରିବା ସତ୍ତ୍ୱେ କଂଗ୍ରେସ ଓ ବିରୋଧି ଦଳ ଏହି ସଫଳତା ହାସଲ କରିବା ପାଇଁ ସକ୍ଷମ ହୋଇଛି ।ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ ନିଜେ କେରଳର ୟ୍ୟାନାର୍ଡରୁ ୩ ଲକ୍ଷ ୯୦ ହଜାର ଭୋଟରେ ଜିଣିଥିବାବେଳେ ଉତ୍ତର ପ୍ରଦେଶର ରାଇଭରେନି ଶେଷ ମୁହୁର୍ତ୍ତରେ ପ୍ରାର୍ଥୀ ହୋଇ ୩ ଲକ୍ଷ ୯୦ ହଜାର ଭୋଟ ପାଇଛନ୍ତି ଓ କେ.କେ ଶର୍ମାଙ୍କ ଭଳି ଜଣେ ସାଧାରଣ କଂଗ୍ରେସ ନେତା ସ୍ମୃତି ଇରାନକୁ ବହୁ ଅଧିକ ଭୋଟରେ ହରାଇପାରିଛନ୍ତି। ଅନ୍ୟପକ୍ଷରେ ବିଜେପି ଦଳର ସବୁଠାରୁ ପ୍ରଭାବଶାଳୀ ନେତା କୁହାଯାଉଥିଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାତ୍ର ୧ ଲକ୍ଷ ୬୦ ହଜାର ଭୋଟରେ ବନାରସରୁ ଜିତିଛନ୍ତି। ଇଣ୍ଡିଆ ମେଂଟରେଏକତା, ମିଳିତ ସଭା ଓ କଂଗ୍ରେସ ଦଳର ସଭାପତି ମଲ୍ଲିକାର୍ଜୁନ ଖର୍ଗେ ପୂର୍ବତନ ସଭାପତି ଶ୍ରୀମତୀ ସୋନିଆ ଗାନ୍ଧୀ, ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ, ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀ ପ୍ରମୁଖଙ୍କ ନିର୍ବାଚନ ପ୍ରଚାର ଓ କଂଗ୍ରେସ ଦଳର ମେନିଫେଷ୍ଟୋ ଜନସାଧାରଣଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହୋଇଛି ।ଏହି ନିର୍ବାଚନରେ ଧର୍ମ ଓ ଭଗବାନଙ୍କ ନାମକୁ ବ୍ୟବହାର କରୁଥିବା ରାଜନୈତିକ ଦଳକୁ ସଂପୂର୍ଣ୍ଣ ପ୍ରତ୍ୟାଖାନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଯୋଧାରେ ଅସଂପୂର୍ଣ୍ଣ ରାମମନ୍ଦିରକୁ ହିନ୍ଦୁ ଧର୍ମର ୪ ଟି ଶଙ୍କରାଚାର୍ଯ୍ୟକୁ ନଡାକି ତରବରରେ ଉଦ୍‌ଘାଟ କରି ଫାଇଦା ନେବାକୁ ଚେଷ୍ଟା କରିଥିବା ମୋଦୀ ଓ ବିଜେପି ଦଳ ଉତର ପ୍ରଦେଶରେ ଅଧାରୁ ଅଧିକ ସିଟ୍ ହରାଇଛନ୍ତି। ଏପରିରିକି ଅଯୋଧା ସିଟ୍ ମଧ ହାରିଛି। ଅନ୍ୟପକ୍ଷରେ ବିଜେପିର ରାମ ମନ୍ଦିର ପ୍ରଚାରକ ପ୍ରଭାବଶୂନ୍ୟ କରି ଓଡ଼ିଶାର ଆରଧ୍ୟ ଦେବତା ଜଗନ୍ନାଥଙ୍କର ମନ୍ଦିର ପରିକ୍ରମା ନିମାଣ କରି ଜଗନ୍ନାଥଙ୍କ ନାମରେ ଭୋଟ ନେବା ପାଇଁ ଉଦ୍ୟମ କରୁଥିବା ବିଜେଡ଼ି ପାର୍ଟି ମଧ ଓଡ଼ିଶାରେ ସଂପୂର୍ଣ୍ଣ ବିଫଳ ହୋଇଛି। ବିଧାନସଭାରେ ୧୧୭ ରୁ ବିଜେଡ଼ି ବିଧାୟକଙ୍କ ସଂଖ୍ୟା ୫୧ କୁ ଖସି ଆସିଥିଲାବେଳେ ସଂପୂର୍ଣ୍ଣ ୨୧ ଟି ଲୋକସଭା ସିଟ୍ ହରାଇଛି । ଅନ୍ୟପକ୍ଷରେ ବିଜେଡ଼ି ଓ ବିଜେପିର କ୍ଷମତା ବଳ ଅର୍ଥ ବଳ ସତ୍ତ୍ୱେ ଏବଂ ଓଡ଼ିଶାରେ ଅର୍ଥ ଅଭାବରୁ ଅଧିକାଂଶ କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କୁ ପାର୍ଥୀକ ସହାୟତା ଆଦୌ ଦିଆଯାଇନଥିଲେ ମଧ ଓଡ଼ିଶା ବିଧାନସଭାରେ ସଂଖ୍ୟା ୯ ରୁ ୧୪କୁ ବୃଦ୍ଧି ହେବା ସହିତ କୋରାପୁଟ୍ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା ନିର୍ବାଚିତ ହୋଇଛନ୍ତି। ରାହୁଲ ଗାନ୍ଧୀଙ୍କର କୃଷକ, ଶ୍ରମିକ,ଯୁବକ, ଛାତ୍ର, ମହିଳା ଓ ଦଳିତଙ୍କ ପାଇଁ ୫ ଟି ନ୍ୟାୟ ପାଇଁ ଲଢ଼ାଇ କେନ୍ଦ୍ର ସରକାରଙ୍କର ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୁଦ୍ଧରେ ନିର୍ଭିକ ବିରୋଧ, କନ୍ୟାକୁମାରୀ ଠାରୁ କାଶ୍ମିର ଓ ମଣିପୁର ଠାରୁ ମହାରାଷ୍ଟ୍ର ପଦଯାତ୍ରା। ଯୁବକ, ଶ୍ରମିକ,କୃଷକ, ମହିଳା ଓ ସାଧାରଣ ଲୋକଙ୍କ ମନରେ ଗଭୀର ରେଖାପାତ କରିଛି। ଏଣୁ ଆଗାମୀ ଦିନରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଓ ଇଣ୍ଡିଆ ଗଠବନ୍ଧନ ସମସ୍ତ ବିରୋଧି ଦଳ ଖୁବ୍ ଶିଘ୍ର ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବେ ବୋଲି କଂଗ୍ରେସ ଦଳର ବରିଷ୍ଠ ନେତା, ପୂର୍ବତନ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଏକ ପ୍ରେସ୍ ବିଜ୍ଞପ୍ତିରେ ବିବୃତି କରି କହିଛନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray